# ଗିରଫ, ଅଟକ, ତଲାସି, ଜାମିନ୍ ଓ ଖଲାସ୍ ସମ୍ବନ୍ଧରେ ଭାରତର ସମ୍ବିଧାନ ଏବଂ ଫୌଜଦାରି କାର୍ଯ୍ୟବିଧି ସଂହିତାର ପ୍ରାବ୍‌ଧାନସମୂହ ତଥା ନାଗରିକ ଅଧିକାର

## ସମ୍ବିଧାନର ପ୍ରାସଙ୍ଗିକ ପ୍ରାବ୍‌ଧାନମାନ

## ଭାଗ-୩ : ମୌଳିକ ଅଧିକାର

**୨୦. ଅପରାଧ ପାଇଁ ଦୋଷସିଦ୍ଧି କ୍ଷେତ୍ରରେ ସୁରକ୍ଷା –**

(୧) ଜଣେ ବ୍ୟକ୍ତି ଅପରାଧ ରୂପେ ଆରୋପିତ ହୋଇଥିବା କୌଣସି କାର୍ଯ୍ୟ ଘଟାଉଥିବା ସମୟରେ ବଳବତ୍ତର ରହିଥିବା ଏକ ଆଇନ୍‌ର ଉଲ୍ଲଂଘନ ପାଇଁ ସେହି ଅପରାଧରେ ଦୋଷୀ-ସାବ୍ୟସ୍ତ ହୋଇପାରନ୍ତି, କିନ୍ତୁ ଅନ୍ୟଥା ନୁହେଁ; ଏବଂ ସେ ଅପରାଧ ଘଟାଇଥିବା ସମୟରେ ଯେଉଁ ଆଇନ୍ ବଳବତ୍ତର ଥିବ, ତଦନୁଯାୟୀ ଯେତିକି ଦଣ୍ଡ ପାଇବା କଥା, ତା ଠାରୁ ଅଧିକ ଦଣ୍ଡ ତାଙ୍କ ଉପରେ ଲଦି ଦିଆଯାଇ ପାରିବ ନାହିଁ।

(୨) କୌଣସି ବ୍ୟକ୍ତି ଗୋଟିଏ ଅପରାଧ ପାଇଁ ଥରକ ଠାରୁ ଅଧିକ ବାର ଅଭିଯୋଜିତ କିମ୍ବା ଦଣ୍ଡିତ ହେବେ ନାହିଁ।

(୩) କୌଣସି ଅପରାଧରେ ଅଭିଯୁକ୍ତ ହୋଇଥିବା ଜଣେ ବ୍ୟକ୍ତିଙ୍କୁ ତାଙ୍କ ନିଜ ବିରୁଦ୍ଧରେ ସାକ୍ଷ୍ୟ ଦେବା ପାଇଁ ବାଧ୍ୟ କରାଯାଇ ପାରିବ ନାହିଁ।

**୨୧. ଜୀବନ ଏବଂ ବ୍ୟକ୍ତିଗତ ସ୍ୱାଧୀନତାର ସୁରକ୍ଷା-**

ବିଧି ଦ୍ୱାରା ସ୍ଥାପିତ କାର୍ଯ୍ୟପ୍ରକ୍ରିୟା ବ୍ୟତିରେକ କୌଣସି ବ୍ୟକ୍ତିଙ୍କୁ ନିଜର ଜୀବନ ଓ ବ୍ୟକ୍ତିଗତ ସ୍ୱାଧୀନତାରୁ ବଞ୍ଚିତ କରାଯିବ ନାହିଁ।

**୨୨. କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଗିରଫଦାରି ଏବଂ ଅଟକ ବିରୁଦ୍ଧରେ ସୁରକ୍ଷା-**

(୧) ଗିରଫ ହୋଇଥିବା କୌଣସି ବ୍ୟକ୍ତିଙ୍କୁ ଏଭଳି ଗିରଫର କାରଣମାନ ସମ୍ବନ୍ଧରେ ଯଥାସମ୍ଭବ ଶୀଘ୍ର ଅବଗତ କରାନଯାଇ ହାଜତ୍‌ରେ ଅଟକ ରଖାଯିବ ନାହିଁ ବା ତାଙ୍କୁ

ନିଜର ପସନ୍ଦଯୋଗ୍ୟ ଓକିଲଙ୍କ ସହ ପରାମର୍ଶ କରିବା ତଥା ସେପରି ଓକିଲଙ୍କ ଦ୍ୱାରା ନିଜର ପ୍ରତିରକ୍ଷା କରାଇବା ଅଧିକାରରୁ ବଞ୍ଚିତ କରା ଯିବ ନାହିଁ ।

(୨) ଗିରଫ କରାଯାଇଥିବା ଏବଂ ହାଜତ୍‌ରେ ଅଟକ ରଖାଯାଇଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଗିରଫ ସ୍ଥାନରୁ ନିକଟତମ ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତରେ ପହଞ୍ଚିବା ପାଇଁ ଆବଶ୍ୟକ ହେଉଥିବା ସମୟକୁ ବାଦ୍ ଦେଇ ଏପରି ଗିରଫ କରାଯିବା ମୁହୂର୍ତ୍ତରୁ ଚବିଶ ଘଣ୍ଟାର କାଳାବଧି ମଧ୍ୟରେ ସେହି ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ହାଜର କରାଯିବ ଏବଂ ସେପରି କୌଣସି ବ୍ୟକ୍ତିଙ୍କୁ ଜଣେ ମାଜିଷ୍ଟ୍ରେଟ୍‌ଙ୍କ ପ୍ରାଧିକାର ବିନା ଉକ୍ତ କାଳାବଧିରୁ ଅଧିକ ସମୟ ହାଜତରେ ଅଟକ ରଖାଯିବନାହିଁ ।

(୩) ଉପଧାରା (୧) ଓ (୨)ରେ ସ୍ଥାନିତ ହୋଇଥିବା କୌଣସି ପ୍ରାବ୍‌ଧାନ ନିମ୍ନୋକ୍ତ କ୍ଷେତ୍ରରେ ପ୍ରଯୁଜ୍ୟ ହେବନାହିଁ –

(ଏ) କୌଣସି ବ୍ୟକ୍ତି ବର୍ତ୍ତମାନ ପାଇଁ ଜଣେ ବହିଃଶତ୍ରୁ ହୋଇଥିଲେ; କିମ୍ବା

(ବି) ଜଣେ ବ୍ୟକ୍ତିଙ୍କୁ ନିବାରଣମୂଳକ ଅଟକ ପାଇଁ ଉଦ୍ଦିଷ୍ଟ କୌଣସି ଆଇନ୍ ବଳରେ ଗିରଫ କିମ୍ବା ଅଟକ କରାଯାଇଥିଲେ ।

(୪) ନିବାରଣମୂଳକ ଅଟକ ପାଇଁ ଉଦ୍ଦିଷ୍ଟ କୌଣସି ଆଇନ୍ ଜଣେ ବ୍ୟକ୍ତିଙ୍କୁ ତିନିମାସରୁ ଊର୍ଦ୍ଧ୍ୱ କାଳାବଧି ପାଇଁ ଅଟକ ରଖିବା କାର୍ଯ୍ୟକୁ ପ୍ରାଧିକୃତ କରିବ ନାହିଁ, ଯଦି ନିମ୍ନୋକ୍ତ ସର୍ତ୍ତାବଳୀ ପୂରଣ ହେଉନଥାଏ –

(ଏ) ହାଇକୋର୍ଟର ବିଚାରପତି ଭାବେ କାର୍ଯ୍ୟରତ ଥିବା ବା ନିଯୁକ୍ତ ହୋଇଥିବା ବା ନିଯୁକ୍ତ ହେବାପାଇଁ ଯୋଗ୍ୟ ବୋଲି ବିବେଚିତ ହୋଇଥିବା ବ୍ୟକ୍ତିମାନଙ୍କୁ ନେଇ ଗଠିତ ଏକ ଉପଦେଷ୍ଟା ପରିଷଦ ଉକ୍ତ ତିନିମାସ କାଳାବଧିର ସମାପ୍ତି ପୂର୍ବରୁ ମତ ବ୍ୟକ୍ତ କରିଥିବେ ଯେ, ଏଭଳି ଅଟକ ରଖାଯିବା ପାଇଁ ଯଥେଷ୍ଟ କାରଣ ରହିଛି :

ପରନ୍ତୁ, ଏହି ଅଣ-ଉପଧାରାରେ ଥିବା କୌଣସି ପ୍ରାବ୍‌ଧାନ ଉପଧାରା (୭)ର ଅଣଉପଧାରା (ବି) ଅଧୀନରେ ସଂସଦ ଦ୍ୱାରା ପ୍ରଣୀତ କୌଣସି ଆଇନ୍ ବଳରେ ବିହିତ ହୋଇଥିବା ସର୍ବାଧିକ କାଳାବଧିରୁ ଅଧିକ ସମୟ ପାଇଁ ଜଣେ ବ୍ୟକ୍ତିଙ୍କୁ ଅଟକ ରଖାଯିବା କାର୍ଯ୍ୟକୁ ପ୍ରାଧିକୃତ କରିବ ନାହିଁ ; କିମ୍ବା

(ବି) ସେହି ବ୍ୟକ୍ତି ଉପଧାରା (୭)ର ଅଣଉପଧାରା (ଏ) ଓ (ବି) ଅଧୀନରେ ସଂସଦ ଦ୍ୱାରା ପ୍ରଣୀତ କୌଣସି ଆଇନ୍‌ର ପ୍ରାବ୍‌ଧାନ ଅନୁଯାୟୀ ଅଟକ ହୋଇଥିବେ ।

(୫) ଯେଉଁସ୍ଥଳେ ନିବାରଣମୂଳକ ଅଟକର ପ୍ରାବ୍‌ଧାନ ବହନ କରିଥିବା ଏକ ଆଇନ୍ ଅଧୀନରେ ପ୍ରଦତ୍ତ ହୋଇଥିବା ଗୋଟିଏ ଆଦେଶ ବଳରେ ଜଣେ ବ୍ୟକ୍ତିଙ୍କୁ ଅଟକ ରଖାଯାଇଥାଏ, ସେପରି ସ୍ଥଳେ ଆଦେଶକାରୀ କର୍ତ୍ତୃପକ୍ଷ ଯଥାସମ୍ଭବ ଶୀଘ୍ର ସେହି ବ୍ୟକ୍ତିଙ୍କୁ ଉକ୍ତ ଆଦେଶ ପଛରେ ଥିବା କାରଣମାନ ବିଷୟରେ ଜଣାଇବେ ଏବଂ ଏହି ଆଦେଶ ବିରୁଦ୍ଧରେ ପ୍ରତିବେଦନ କରିବା ପାଇଁ ତାଙ୍କୁ ଶୀଘ୍ରତମ ସୁଯୋଗ ପ୍ରଦାନ ପ୍ରଦାନ କରିବେ ।

(୬) ଉପଧାରା (୫)ରେ ଯାହା କିଛି ପ୍ରାହ୍ବାନୀତ ହୋଇଥାଉନା କାହିଁକି, ତା ଫଳରେ ସେହି ଉପଧାରାରେ ସୂଚୀତ ସେପରି ଆଦେଶକୁ ପ୍ରଦାନ କରିଥିବା କୌଣସି କର୍ତ୍ତୃପକ୍ଷଙ୍କ ପକ୍ଷେ ସେହିସବୁ ତଥ୍ୟାବଳୀକୁ ପ୍ରକଟ କରିବାକୁ ପଡିବନି, ଯାହାର ପ୍ରକଟନ କର୍ତ୍ତୃପକ୍ଷଙ୍କ ବିଚାରରେ ଜନସ୍ୱାର୍ଥର ବିରୁଦ୍ଧତା କରିବ ।

(୭) ସଂସଦ ଆଇନ୍ ବଳରେ ନିମ୍ନମତେ ବିହିତ କରିପାରନ୍ତି –

(ଏ) କେଉଁସବୁ ପରିସ୍ଥିତିରେ ତଥା କେଉଁ ଶ୍ରେଣୀ ବା ଶ୍ରେଣୀସମୂହର ମାମଲାଗୁଡିକ କ୍ଷେତ୍ରରେ ଜଣେ ବ୍ୟକ୍ତିଙ୍କୁ ନିବାରଣମୂଳକ ଅଟକର ପ୍ରାବ୍‌ଧାନ ବହନ କରିଥିବା କୌଣସି ଆଇନ୍ ଅଧୀନରେ ତିନିମାସରୁ ଅଧିକ କାଳାବଧି ପାଇଁ ଉପଧାରା (୪) ଅଧୀନସ୍ଥ ଅଣଉପଧାରା (ଏ)ର ପ୍ରାବ୍‌ଧାନ ଅନୁସାରେ ଉପଦେଷ୍ଟା ପରିଷଦର ମତ ନନେଇ ଅଟକ ରଖାଯାଇପାରେ ;

(ବି) କୌଣସି ଶ୍ରେଣୀ ବା ଏକାଧିକ ଶ୍ରେଣୀର ମାମଲାମାନଙ୍କରେ ନିବାରଣମୂଳକ ଅଟକର ପ୍ରାବ୍‌ଧାନ ବହନ କରିଥିବା କୌଣସି ଏକ ଆଇନ୍ ଅଧୀନରେ ଜଣେ ବ୍ୟକ୍ତିଙ୍କୁ ଅଟକ ରଖାଯିବାର ସର୍ବୋଚ୍ଚ କାଳାବଧି ; ଏବଂ

(ସି) ଉପଧାରା (୪)ର ଅଣଉପଧାରା (ଏ) ଅଧୀନରେ ଏକ ଅନୁସନ୍ଧାନ କରିବା କ୍ଷେତ୍ରରେ ଉପଦେଷ୍ଟା ପରିଷଦଙ୍କ ଦ୍ୱାରା ଅନୁସୃତ ହେବାକୁ ଥିବା କାର୍ଯ୍ୟପ୍ରକ୍ରିୟା ।

# ଫୌଜ୍‌ଦାରୀ କାର୍ଯ୍ୟବିଧି ସଂହିତା, ୧୯୭୩ (୧୯୭୪ର ଆଇନ୍ ସଂଖ୍ୟା ୨)ର ପ୍ରାସଙ୍ଗିକ ପ୍ରାବ୍ଧାନମାନ

*[ଫୌଜ୍‌ଦାରୀ କାର୍ଯ୍ୟବିଧି ସଂହିତା (ସଂଶୋଧନ) ଆଇନ୍, ୨୦୦୫ ତଥା ଫୌଜ୍‌ଦାରି କାର୍ଯ୍ୟବିଧି (ଓଡିଶା ସଂଶୋଧନ) ଆଇନ୍, ୧୯୯୭ ଦ୍ୱାରା ଯଥାସ୍ଥଳେ ପ୍ରଭାବିତ ହୋଇଥିବା ମତେ]*

**୪୬. ଗିରଫ କିପରି କରାଯାଏ-**

(୧) ଯଦି ଗିରଫ ହେବାକୁ ଥିବା ବ୍ୟକ୍ତି କଥାରେ ବା କାର୍ଯ୍ୟରେ ନିଜକୁ ହାଜତ୍ ପାଇଁ ସମର୍ପଣ ନକରନ୍ତି, ତେବେ ଗିରଫ କରିବାକୁ ଯାଉଥିବା ପୋଲିସ୍ ଅଧିକାରୀ କିମ୍ବା ଅନ୍ୟ ବ୍ୟକ୍ତି ପ୍ରକୃତ ପକ୍ଷେ ତାଙ୍କର ଶରୀରକୁ ସ୍ପର୍ଶ ଏବଂ କାବୁ କରିବେ ।

(୨) ଯଦି ଗିରଫ କରିବାର ଉଦ୍ୟମକୁ ଉକ୍ତ ବ୍ୟକ୍ତି ବଳପୂର୍ବକ ବାଧା ଦିଅନ୍ତି ଅଥବା ଗିରଫଦାରିକୁ ଏଡାଇବା ପାଇଁ ଚେଷ୍ଟା କରନ୍ତି, ତେବେ ସଂପୃକ୍ତ ପୋଲିସ୍ ଅଧିକାରୀ ବା ବ୍ୟକ୍ତି ଗିରଫଦାରିକୁ କାର୍ଯ୍ୟକାରୀ କରିବା ପାଇଁ ଆବଶ୍ୟକ ହେଉଥିବା ସମସ୍ତ ଉପାୟ ଅବଲମ୍ବନ କରିପାରନ୍ତି ।

(୩) ଏହି ଦଫାରେ ଯାହା କିଛି ଥାଉନା କାହିଁକି, ଯଦି ଜଣେ ବ୍ୟକ୍ତି ସେ ପ୍ରକାର ଅପରାଧରେ ଅଭିଯୁକ୍ତ ନଥାନ୍ତି, ଯାହା ପାଇଁ ମୃତ୍ୟୁ ବା ଆଜୀବନ ଜେଲ୍ ଦଣ୍ଡର ପ୍ରାବ୍ଧାନ ରହଛି, ତେବେ ତାଙ୍କର ମୃତ୍ୟୁ ଘଟାଇବାର ଅଧିକାର କାହାରି ନାହିଁ ।

(୪) ***[ଫୌଜ୍‌ଦାରୀ କାର୍ଯ୍ୟବିଧି ସଂହିତା (ସଂଶୋଧନ) ଆଇନ୍, ୨୦୦୫ (୨୦୦୫ର ଆଇନ୍ ସଂଖ୍ୟା-୨୫) ବଳରେ ଯୋଡା ହୋଇଥିବା ମତେ]*** କେବଳ ଅସାଧାରଣ ପରିସ୍ଥିତି ବ୍ୟତିରେକ ସୂର୍ଯ୍ୟାସ୍ତ ପରେ ଏବଂ ସୂର୍ଯ୍ୟୋଦୟ ପୂର୍ବରୁ କୌଣସି ମହିଳାଙ୍କୁ ଗିରଫ କରାଯାଇପାରିବ ନାହିଁ, ଏବଂ ଯେଉଁ ସ୍ଥଳେ ଏତାଦୃଶ ଅସ୍ୱାଭାବିକ ପରିସ୍ଥିତି ଦେଖାଦେବ, ସେପରି ସ୍ଥଳେ ମହିଳା ପୋଲିସ୍ ଅଧିକାରୀ ଏକ ଲିଖିତ ବିବରଣୀ ପ୍ରଦାନ ପୂର୍ବକ ଯେଉଁ ସ୍ଥାନରେ ଅପରାଧ ଘଟିଥିବ ବା ଯେଉଁ ସ୍ଥାନରେ ଗିରଫ କରାଯିବ, ସେହି ଇଲାକା ଉପରେ କ୍ଷେତ୍ରାଧିକାରର ଅଧିକାରୀ

ହୋଇଥିବା ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ଠାରୁ ଅଗ୍ରୀମ ଅନୁମତି ଆଣିବେ ।

**୪୭. ଗିରଫ ହେବାକୁ ଥିବା ବ୍ୟକ୍ତି ପ୍ରବେଶ କରିଥିବା ସ୍ଥାନକୁ ତଲାସି କରାଯିବା-**

(୧) ଗିରଫ ପରୱାନାକୁ କାର୍ଯ୍ୟକାରୀ କରିବାକୁ ଯାଉଥିବା କୌଣସି ବ୍ୟକ୍ତି ଅଥବା ଗିରଫ କରିବା ପାଇଁ କ୍ଷମତା-ସମ୍ପନ୍ନ ହୋଇଥିବା କୌଣସି ଅଧିକାରୀ ଯଦି ଯଥାର୍ଥ କାରଣରୁ ବିଶ୍ୱାସ କରନ୍ତି ଯେ, ଗିରଫ ହେବାକୁ ଥିବା ବ୍ୟକ୍ତି ଜଣକ ଗୋଟିଏ ସ୍ଥାନରେ ପ୍ରବେଶ କରିଛନ୍ତି ବା ସେହି ସ୍ଥାନରେ ଅବସ୍ଥାନ କରୁଛନ୍ତି, ତେବେ ସେହି ସ୍ଥାନରେ ବାସ କରୁଥିବା ଅଥବା ସେହି ସ୍ଥାନର ଦାୟିତ୍ୱରେ ଥିବା ବ୍ୟକ୍ତି ଉପରୋକ୍ତ ଭୂମିକା ନିର୍ବାହ କରୁଥିବା ବ୍ୟକ୍ତି କିମ୍ବା ପୋଲିସ୍ ଅଧିକାରୀ ଚାହିଁବା ମାତ୍ରେ ସେମାନଙ୍କୁ ସେହି ସ୍ଥାନ ଭିତରକୁ ଅବାଧ ପ୍ରବେଶ ପାଇଁ ଅନୁମତି ଦେବେ ତଥା ତହିଁର ଅଭ୍ୟନ୍ତରକୁ ତଲାସ କରିବା ପାଇଁ ସମସ୍ତ ପ୍ରକାର ଯଥାର୍ଥ ସୁବିଧା ଯୋଗାଇଦେବେ ।

(୨) ଯଦି ନିଜର ପ୍ରାଧିକାର ଏବଂ ଉଦ୍ଦେଶ୍ୟ ତଥା ପ୍ରବେଶ ପାଇଁ ଅଧିକାର ସମ୍ବନ୍ଧରେ ଯଥାବିଧି ସୂଚନା ଦେବା ସତ୍ତ୍ୱେ, ଉପଦଫା (୧)ରେ ସୂଚୀତ ହୋଇଥିବା ମତେ ଭିତରକୁ ପ୍ରବେଶ କରିବା ସମ୍ଭବ ନହୁଏ, ତେବେ ଯେଉଁ ମାମଲା କ୍ଷେତ୍ରରେ ପରୱାନା ମିଳିଛି ତାକୁ କ୍ରିୟାନ୍ୱୀତ କରିବାକୁ ଯାଉଥିବା ବ୍ୟକ୍ତି ଅଥବା ଯେଉଁ ମାମଲା କ୍ଷେତ୍ରରେ ପରୱାନା ମିଳିପାରେ ଅଥଚ ଏହା ମିଳୁମିଳୁ ଗିରଫ ହେବାକୁ ଥିବା ବ୍ୟକ୍ତି ପଳାୟନର ସୁଯୋଗ ପାଇପାରନ୍ତି, ସେପରି କ୍ଷେତ୍ରରେ ସଂପୃକ୍ତ ପୋଲିସ୍ ଅଧିକାରୀଙ୍କ ପକ୍ଷେ ଉକ୍ତ ସ୍ଥାନ ଭିତରକୁ ପ୍ରବେଶ କରିବା ତଥା ତଲାସ୍ କରିବା ତଥା ଏପରି ସ୍ଥାନକୁ ଯେମିତି ହେଲେ ପ୍ରବେଶ କରିବା ପାଇଁ କୌଣସି ଗୃହ ବା ସ୍ଥାନ, ଯାହା କି ଗିରଫ ହେବାକୁ ଥିବା ବ୍ୟକ୍ତି ବା ଅନ୍ୟ କୌଣସି ବ୍ୟକ୍ତିଙ୍କର ହୋଇପାରେ, ତହିଁର ବାହାର ବା ଭିତର ପଟର ଦୁଆର ବା ଝରକାକୁ ଭାଙ୍ଗି ପଶିବା ଆଇନ୍‌ସଙ୍ଗତ ହେବ;

ପରନ୍ତୁ, ଯଦି ସେହି ସ୍ଥାନ ଏକ ବାସଗୃହ, ଯାହାକି ଏପରି ଜଣେ ମହିଳା (ଗିରଫ ହେବାକୁ ଥିବା ବ୍ୟକ୍ତିଙ୍କ ଠାରୁ ଭିନ୍ନ ଜଣେ ବ୍ୟକ୍ତି)ଙ୍କର ପ୍ରକୃତ ଭୋଗଦଖଲ ଅଧୀନରେ ଥାଏ, ଯେ କି ପରମ୍ପରା ଅନୁଯାୟୀ ବାହାରେ ଆତଯାତ କରନ୍ତି ନାହିଁ, ତେବେ ସେହି ଗୃହରେ ପ୍ରବେଶ କରିବା ପୂର୍ବରୁ ଉକ୍ତ ବ୍ୟକ୍ତି ବା ପୋଲିସ୍ ଅଧିକାରୀ ସେହି ମହିଳାଙ୍କୁ ବିଜ୍ଞପ୍ତି କରିବେ ଯେ ସେ ସେହି ଘରୁ ବାହାରି ଆସିପାରନ୍ତି, ତଥା ସେହି ମହିଳାଙ୍କୁ

ଏପରି ବାହାରି ଆସିବା ପାଇଁ ଯଥା ସମସ୍ତ ସହାୟତା ପ୍ରଦାନ କରିବେ ଏବଂ ତା'ପରେ ସେହି ବାସଗୃହକୁ ଭାଙ୍ଗି ଭିତରକୁ ପଶିପାରନ୍ତି ।

(୩) ଗିରଫ କରିବା ପାଇଁ କ୍ଷମତାପ୍ରାପ୍ତ ଜଣେ ପୋଲିସ୍ ଅଧିକାରୀ କିମ୍ବା ବ୍ୟକ୍ତି, ଯେ କି ଗିରଫ କରିବା ଉଦ୍ଦେଶ୍ୟରେ ଗୋଟିଏ ଗୃହ କିମ୍ବା ସ୍ଥାନକୁ ବିଧିମତେ ପ୍ରବେଶ କଲାପରେ ତାହା ଭିତରେ ଅଟକ ରହିଯା'ନ୍ତି, ତେବେ ସେ ନିଜକୁ ମିକୁଳେଇବା ପାଇଁ ଉକ୍ତ ଗୃହ ବା ସ୍ଥାନର ବାହାର କିମ୍ବା ଭିତର ପଟର କବାଟ-ଝରକା ଭାଙ୍ଗି ଦେଇ ପାରନ୍ତି ।

**୪୮. ଅପରାଧୀଙ୍କୁ ଅନ୍ୟ ଇଲାକା ଭିତରେ ଅନୁଧାବନ କରିବା-**

ଯଦି କୌଣସି ବ୍ୟକ୍ତିଙ୍କୁ ବିନା ପରଓ୍ୱାନାରେ ଗିରଫ କରିବା ପାଇଁ ଜଣେ ପୋଲିସ୍ ଅଧିକାରୀ ପ୍ରାଧିକୃତ ହୋଇଥାନ୍ତି, ତେବେ ସେ ଉକ୍ତ ବ୍ୟକ୍ତିଙ୍କୁ ଅନୁଧାବନ କରିବା ଅଭିପ୍ରାୟରେ ଭାରତର ଯେ କୌଣସି ସ୍ଥାନକୁ ଯାଇପାରନ୍ତି ।

**୪୯. ଅନାବଶ୍ୟକ କଟକଣା ନରଖିବା-**

ଗିରଫ ହୋଇଥିବା ବ୍ୟକ୍ତିର ପଳାୟନକୁ ରୋକିବା ପାଇଁ ଯେତିକି କଟକଣା ଆବଶ୍ୟକ, ତାହାଠାରୁ ଅଧିକ କଟକଣା ତାଙ୍କ ଉପରେ ଲାଗୁ କରାଯିବ ନାହିଁ ।

**୫୦. ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ଗିରଫର କାରଣମାନ ଏବଂ ଜାମିନ୍ ପାଇବାର ଅଧିକାର ସମ୍ବନ୍ଧରେ ଅବଗତ କରାଇବା-**

(୧) କୋଣସି ବ୍ୟକ୍ତିଙ୍କୁ ବିନା ପରଓ୍ୱାନାରେ ଗିରଫ କରୁଥିବା ପ୍ରତି ପୋଲିସ୍ ଅଧିକାରୀ ବା ବ୍ୟକ୍ତି ସେ ଯେଉଁ ଅପରାଧ ପାଇଁ ଗିରଫ ହେଉଛନ୍ତି ତହିଁର ସମୁଦାୟ ତଥ୍ୟାବଳୀ ବା ଉକ୍ତ ଗିରଫ ପଛରେ ଥିବା ଅନ୍ୟ କାରଣଗୁଡିକ ସମ୍ବନ୍ଧରେ ତତ୍କ୍ଷଣାତ୍ ତାଙ୍କୁ ଅବଗତ କରାଇବେ ।

(୨) ଯେଉଁ ସ୍ଥଳେ ଜଣେ ପୋଲିସ୍ ଅଧିକାରୀ ଏଭଳି ଜଣେ ବ୍ୟକ୍ତିଙ୍କୁ ବିନା ପରଓ୍ୱାନାରେ ଗିରଫ କରିଥାନ୍ତି, ଯେ କି ଜାମିନ୍-ଅଯୋଗ୍ୟ ଅପରାଧରେ ଅଭିଯୁକ୍ତ ହୋଇନଥିବେ, ସେ ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ସୂଚନା ଦେବେ ଯେ, ସେ ଜାମିନ୍‌ରେ ଖଲାସ୍ ହେବା ପାଇଁ ହକ୍‌ଦାର ତଥା ସେ ତାଙ୍କ ପାଇଁ ଜାମିନ୍‌ଦାର ଯୋଗାଡ କରିପାରନ୍ତି ।

**୫୦ଏ. ଗିରଫ ଇତ୍ୟାଦି ସମ୍ବନ୍ଧରେ ମନୋନୀତ ବ୍ୟକ୍ତିଙ୍କୁ ଅବଗତ କରାଇବା ଗିରଫକାରୀ ବ୍ୟକ୍ତିଙ୍କର ଦାୟିତ୍ୱ-**

***[ଫୌଜ୍‌ଦାରୀ କାର୍ଯ୍ୟବିଧି ସଂହିତା (ସଂଶୋଧନ) ଆଇନ୍, ୨୦୦୫ (୨୦୦୫ର ଆଇନ୍ ସଂଖ୍ୟା-୨୫) ବଳରେ ଅନ୍ତଃସ୍ଥାପିତ]***

(୧) ଏହି ସଂହିତା ଅଧୀନରେ ଗିରଫ କରୁଥିବା ପ୍ରତ୍ୟେକ ପୋଲିସ୍ ଅଧିକାରୀ ବା ବ୍ୟକ୍ତି ଉକ୍ତ ଗିରଫ ତଥା ଯେଉଁଠି ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ରଖାଯାଇଛି, ସେ ସ୍ଥାନ ସମ୍ବନ୍ଧରେ ସୂଚନା ତାଙ୍କର କୌଣସି ବନ୍ଧୁ, ସଂପର୍କୀୟ ବା ଅନ୍ୟ ଏଭଳି କୌଣସି ବ୍ୟକ୍ତିଙ୍କୁ ତତ୍‌କ୍ଷଣାତ୍ ପ୍ରଦାନ କରିବେ, ଯାହାଙ୍କ ନାମ ଗିରଫ ହୋଇଥିବା ବ୍ୟକ୍ତି ଉକ୍ତ ସୂଚନା ପଠାଇବା ଉଦ୍ଦେଶ୍ୟରେ ପ୍ରକଟ କରିଥିବେ ଅଥବା ମନୋନୀତ କରିଥିବେ ।

(୨) ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ପୋଲିସ୍ ଥାନାକୁ ଅଣାଯିବା ସଙ୍ଗେସଙ୍ଗେ ପୋଲିସ୍ ଅଧିକାରୀ ତାଙ୍କୁ ଉପଧାରା (୧) ଅଧୀନରେ ତାଙ୍କର ଅଧିକାରଗୁଡିକ ବିଷୟରେ ସୂଚନା ଦେବେ ।

(୩) ଉକ୍ତ ବ୍ୟକ୍ତିଙ୍କର ଗିରଫ ବିଷୟରେ କାହାଙ୍କୁ ସୂଚନା ଦିଆଯାଇଛି, ସେ ବିଷୟରେ ପୋଲିସ୍ ଥାନାରେ ରଖାଯାଇଥିବା ଏକ ଖାତାରେ ଏମିତି ପ୍ରଣାଳୀରେ ତଥ୍ୟ ଦରଜ କରାଯିବ, ଯାହାକି ଏଥି ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ଦ୍ୱାରା ବିହିତ ହୋଇପାରେ ।

(୪) ଯେଉଁ ମାଜିଷ୍ଟ୍ରେଟ୍‌ଙ୍କ ସାମନାରେ ଉକ୍ତ ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ହାଜର କରାଯିବ, ସେହି ମାଜିଷ୍ଟ୍ରେଟ୍ ଗିରଫ ହୋଇଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ଉପଧାରା (୨) ଓ ଉପଧାରା (୩)ର ଆବଶ୍ୟକତାଗୁଡିକ ଅନୁପାଳିତ ହୋଇଛି ବୋଲି ନିଜେ ହୃଦ୍‌ବୋଧ କରିବା ତାଙ୍କର କର୍ତ୍ତବ୍ୟ ହେବ ।

**୫୧. ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ତଲାସି-**

(୧) ଯେଉଁସ୍ଥଳେ ଜଣେ ବ୍ୟକ୍ତି ଜଣେ ଏଭଳି ଏକ ପରୱାନା ବଳରେ ପୋଲିସ୍ ଅଧିକାରୀଙ୍କ ଦ୍ୱାରା ଗିରଫ ହୁଅନ୍ତି, ଯହିଁରେ ଜାମିନ୍‌ର ପ୍ରାବ୍‌ଧାନ ନାହିଁ, ବା ଯହିଁରେ ଜାମିନ୍‌ର ପ୍ରାବ୍‌ଧାନ ଅଛି କିନ୍ତୁ ଗିରଫ ହୋଇଥିବା ବ୍ୟକ୍ତି ଜାମିନ୍ ଦେବାକୁ ଅକ୍ଷମ, ଏବଂ ଯେଉଁସ୍ଥଳେ ଜଣେ ବ୍ୟକ୍ତିଙ୍କୁ ବିନା ପରୱାନାରେ ଗିରଫ କରାଯାଇଥାଏ ଅଥବା ପରୱାନା ସହିତ ଜଣେ ଘରୋଇ ବ୍ୟକ୍ତିଙ୍କ ଦ୍ୱାରା ଗିରଫ କରାଯାଇଥାଏ ଏବଂ ସେହି ବ୍ୟକ୍ତିଙ୍କୁ ଆଇନତଃ ଜାମିନ୍ ମିଳି ପାରିବନି ଅଥବା ସେ ଜାମିନ୍ ଦେବାକୁ ଅକ୍ଷମ,

ସେପରି ସ୍ଥଳେ ଯେଉଁ ପୋଲିସ୍ ଅଧିକାରୀ ଗିରଫ କରିଥିବେ, ସେ ନତୁବା କୌଣସି ଘରୋଇ ବ୍ୟକ୍ତିଙ୍କ ଦ୍ୱାରା ଗିରଫ କରାଯାଇଥିଲେ ସେ ଯେଉଁ ପୋଲିସ୍ ଅଧିକାରୀଙ୍କ ନିକଟରେ ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ଦାଖଲ କରିଥିବେ, ସେହି ପୋଲିସ୍ ଅଧିକାରୀ ଉକ୍ତ ବ୍ୟକ୍ତିଙ୍କର ତଲାସି କରିପାରନ୍ତି, ଏବଂ କେବଳ ଆବଶ୍ୟକୀୟ ପରିଧେୟ ବସ୍ତ୍ରକୁ ଛାଡି ତାଙ୍କ ପାଖରେ ଥିବା ସମସ୍ତ ଜିନିଷକୁ ଏକ ନିରାପଦ ହେପାଜତ୍‌ରେ ରଖିପାରନ୍ତି ଏବଂ ଗିରଫ ହୋଇଥିବା ବ୍ୟକ୍ତିଙ୍କ ଠାରୁ କୌଣସି ଜିନିଷ ଜବତ୍ କରାଯାଇଥିଲେ, ସେସବୁକୁ ନିଜ ଦଖଲକୁ ନେଇଛନ୍ତି ବୋଲି ଦର୍ଶାଇ ଏକ ରସିଦ୍ ସଂପୃକ୍ତ ପୋଲିସ୍ ଅଧିକାରୀଙ୍କ ଦ୍ୱାରା ଉକ୍ତ ବ୍ୟକ୍ତିଙ୍କୁ ପ୍ରଦାନ କରାଯିବ ।

(୨) ଯେଉଁସ୍ଥଳେ ଜଣେ ମହିଳାଙ୍କୁ ତଲାସି କରାଯିବା ଆବଶ୍ୟକ ପଡିବ, ସେପରି ସ୍ଥଳେ ଶାଳୀନତା ପ୍ରତି କଠୋର ଧ୍ୟାନପ୍ରଦାନ ପୂର୍ବକ ତାଙ୍କୁ ଅନ୍ୟ ଜଣେ ମହିଳାଙ୍କ ଦ୍ୱାରା ତଲାସି କରାଯିବ ।

୫୩. ପୋଲିସ୍ ଅଧିକାରୀଙ୍କ ଅନୁରୋଧ କ୍ରମେ ଅଭିଯୁକ୍ତ ବ୍ୟକ୍ତିଙ୍କୁ କାର୍ଯ୍ୟରତ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା-

(୧) ଯେଉଁସ୍ଥଳେ ଜଣେ ବ୍ୟକ୍ତି ଏପରି ଧରଣର ଏକ ଅପରାଧ ଘଟାଇଥିବାର ଅଭିଯୋଗରେ ଗିରଫ ହୁଅନ୍ତି, ଏବଂ ସେହି ଅପରାଧ ଏମିତି ପରିସ୍ଥିତରେ ଘଟିଛି ବୋଲି ଅଭିଯୋଗ ହୋଇଥାଏ, ଯେଉଁଥିରୁ ଏକଥା ବିଶ୍ୱାସ କରିବାର ଯଥୋଚିତ କାରଣ ଅଛି ଯେ, ସେହି ବ୍ୟକ୍ତିର ଶରୀରକୁ ପରୀକ୍ଷା କରାଗଲେ ଅପରାଧ ଘଟିବାର ପ୍ରମାଣ ମିଳିପାରିବ, ତେବେ ସେହି ଗିରଫ ହୋଇଥିବା ବ୍ୟକ୍ତିର ଶରୀରକୁ ଉପନିରୀକ୍ଷକଙ୍କ ଠାରୁ ତଳ ପାହ୍ୟାର ହୋଇନଥିବା ଜଣେ ପୋଲିସ୍ ଅଧିକାରୀଙ୍କ ଅନୁରୋଧ କ୍ରମେ ଜଣେ ପଞ୍ଜିକୃତ ହୋଇଥିବା କାର୍ଯ୍ୟରତ ଡାକ୍ତର ବା ତାଙ୍କୁ ସଦ୍‌ବିଶ୍ୱାସ ସହ ସହାୟତା କରୁଥିବା ବା ତାଙ୍କ ନିର୍ଦ୍ଦେଶ ଅଧୀନରେ କାର୍ଯ୍ୟ କରୁଥିବା କୌଣସି ବ୍ୟକ୍ତିଙ୍କ ପକ୍ଷେ ପରୀକ୍ଷା କରିବା ବିଧିସମ୍ମତ ହେବ, ଏବଂ ଏହି ପରୀକ୍ଷା ଏଭଳି ରୀତିରେ କରାଯିବ, ଯାହାକି ପ୍ରମାଣ ସଂଗ୍ରହ ପାଇଁ ଆବଶ୍ୟକ ତଥ୍ୟାବଳୀର ଉଦ୍‌ଘାଟନ ପାଇଁ ଯଥାଯଥ ଭାବେ ଦରକାର, ଏବଂ ସେହି ଉଦ୍ଦେଶ୍ୟରେ ସେ ଯଥାଯଥ ଭାବେ ଆବଶ୍ୟକ ପଡୁଥିବା ବଳ ମଧ୍ୟ ପ୍ରୟୋଗ କରିପାରନ୍ତି ।

(୨) ଯେଉଁ ସ୍ଥଳେ ଏହି ଦଫା ଅଧୀନରେ ଜଣେ ମହିଳାଙ୍କର ଶରୀର ପରୀକ୍ଷା କରାଯିବ, ସେପରି ସ୍ଥଳେ ଜଣେ ପଞ୍ଜିକୃତ କାର୍ଯ୍ୟରତ ଡାକ୍ତର, ଯେ କି ଜଣେ ମହିଳା ହୋଇଥିବେ, ତାଙ୍କ ଦ୍ୱାରା ବା ତାଙ୍କ ତତ୍ତ୍ୱାବଧାନରେ ଏହା କରାଯିବ ।

ସ୍ପଷ୍ଟୀକରଣ- ଏହି ଦଫା ତଥା ଦଫା-୫୪ ଅଧୀନରେ 'ପଞ୍ଜିକୃତ କାର୍ଯ୍ୟରତ ଡାକ୍ତର' କହିଲେ, ଜଣେ କାର୍ଯ୍ୟରତ ଡାକ୍ତର ଯେ କି ଭାରତୀୟ ଚିକିତ୍ସା ପରିଷଦ ଆଇନ୍, ୧୯୫୬ର ଧାରା ୨ ଅନ୍ତର୍ଗତ ଉପଧାରା (ଏଚ୍)ରେ ସଂଜ୍ଞାୟିତ ହୋଇଥିବା ସ୍ୱୀକୃତିପ୍ରାପ୍ତ ଡାକ୍ତରୀ ଯୋଗ୍ୟତାର ଅଧିକାରୀ ହୋଇଥିବେ ଏବଂ ଯାହାଙ୍କ ନାମ ରାଜ୍ୟ ଚିକିତ୍ସକ ରେଜିଷ୍ଟର୍‌ରେ ଦରଜ ହୋଇଥିବ ।

**୫୪. ଗିରଫ ହୋଇଥିବା ବ୍ୟକ୍ତିଙ୍କ ଅନୁରୋଧ କ୍ରମେ ତାଙ୍କୁ କାର୍ଯ୍ୟରତ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା-**

***[ଫୌଜ୍‌ଦାରୀ କାର୍ଯ୍ୟବିଧି ସଂହିତା (ସଂଶୋଧନ) ଆଇନ୍, ୨୦୦୫ (୨୦୦୫ର ଆଇନ୍ ସଂଖ୍ୟା-୨୫) ବଳରେ ସଂଶୋଧନ ହୋଇଥିବା ମତେ]***

(୧) କୌଣସି ଅଭିଯୋଗରେ ବା ଅନ୍ୟଥା ଗିରଫ ହୋଇଥିବା ଜଣେ ବ୍ୟକ୍ତିଙ୍କୁ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ହାଜର କଲାବେଳେ ଅଥବା ହାଜତରେ ଅଟକ ଥିବା ଭିତରେ କୌଣସି ସମୟରେ ସେ ଯଦି ମାଜିଷ୍ଟ୍ରେଟ୍‌ଙ୍କ ଆଗରେ ଫେରାଦ୍ ହୁଅନ୍ତି ଯେ, ତାଙ୍କ ଶରୀରକୁ ପରୀକ୍ଷା କରାଗଲେ ସେଥିରୁ ପ୍ରାପ୍ତ ପ୍ରମାଣ ବଳରେ ସେ ଅପରାଧ ଘଟାଇଛନ୍ତି ବୋଲି ଆଗତ ଅଭିଯୋଗଟି ଅସିଦ୍ଧ ହୋଇଯିବ, ଅଥବା ତାଙ୍କ ଶରୀର ବିରୁଦ୍ଧରେ ଆଉ ଜଣେ ବ୍ୟକ୍ତି ଅପରାଧ ଘଟାଇଥିବାର ତଥ୍ୟକୁ ସାବ୍ୟସ୍ତ କରିଦେବ, ଏବଂ ପୁଣି ଯଦି ମାଜିଷ୍ଟ୍ରେଟ୍ ବିବେଚନା କରନ୍ତି ଯେ, ଏଭଳି ଏକ ଫେରାଦ୍ ଜଟିଳତା ସୃଷ୍ଟି ଅଥବା କାଳକ୍ଷେପଣ ଅଥବା ନ୍ୟାୟବିଚାରର ଉଦ୍ଦେଶ୍ୟକୁ ପଣ୍ଡ କରିଦେବା ପାଇଁ ଅଭିପ୍ରେତ ନୁହେଁ, ତେବେ ସେ ଏପରି ଗିରଫ ହୋଇଥିବା ବ୍ୟକ୍ତିଙ୍କର ଅନୁରୋଧ କ୍ରମେ ତାଙ୍କର ଶରୀରକୁ ଜଣେ ପଞ୍ଜିକୃତ କାର୍ଯରତ ୟଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଇବା ପାଇଁ ନିର୍ଦ୍ଦେଶ ଦେବେ ।

(୨) [***ଫୌଜ୍‌ଦାରୀ କାର୍ଯ୍ୟବିଧି ସଂହିତା (ସଂଶୋଧନ) ଆଇନ୍, ୨୦୦୫ (୨୦୦୫ର ଆଇନ୍ ସଂଖ୍ୟା-୨୫) ବଳରେ ଅନ୍ତଃସ୍ଥାପିତ***]

ଯେଉଁସ୍ଥଳେ ଉପଧାରା(୧) ଅଧୀନରେ ଗୋଟିଏ ପରୀକ୍ଷା କରଯାଇଥାଏ, ଉକ୍ତ ପରୀକ୍ଷାର ବିବରଣୀର ଏକ ନକଲ ପଞ୍ଜିକୃତ କାର୍ଯ୍ୟରତ ଡାକ୍ତରଙ୍କ ଦ୍ୱାରା ଗିରଫ ହୋଇଥିବା ବ୍ୟକ୍ତି ନତୁବା ତାଙ୍କ ଦ୍ୱାରା ମନୋନୀତ ବ୍ୟକ୍ତିଙ୍କୁ ଯୋଗାଇ ଦିଆଯିବ ।

**୫୪ଏ. ଗିରଫ ହୋଇଥିବା ବ୍ୟକ୍ତିଙ୍କ ଚିହ୍ନଟ-**

*[ଫୌଜଦାରୀ କାର୍ଯ୍ୟବିଧି ସଂହିତା (ସଂଶୋଧନ) ଆଇନ୍, ୨୦୦୫ (୨୦୦୫ର ଆଇନ୍ ସଂଖ୍ୟା-୨୫) ବଳରେ ଅନ୍ତଃସ୍ଥାପିତ]*

ଯେଉଁସ୍ଥଳେ ଏକ ଅପରାଧ ଘଟାଇଥିବା ଦୋଷାରୋପରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିବ ଏବଂ ଉକ୍ତ ଅପରାଧର ଅନୁସନ୍ଧାନ ପାଇଁ ଅନ୍ୟ କୌଣସି ବ୍ୟକ୍ତି ବା ବ୍ୟକ୍ତିମାନଙ୍କ ଦ୍ୱାରା ତାଙ୍କୁ ଚିହ୍ନଟ କରିବା ଆବଶ୍ୟକ ମନେ ହେବ, ସେପରି ସ୍ଥଳେ କ୍ଷେତ୍ରାଧିକାର ସମ୍ପନ୍ନ ଏକ ଅଦାଲତ ପୋଲିସ୍-ଥାନାର ଭାରପ୍ରାପ୍ତ ଅଧିକାରୀଙ୍କ ଅନୁରୋଧ କ୍ରମେ ଯେପରି ଉଚିତ୍ ମନେ କରିବେ ସେପରି ରୀତିରେ ଗିରଫ ହୋଇଥିବା ଉକ୍ତ ବ୍ୟକ୍ତିଙ୍କୁ କୌଣସି ବ୍ୟକ୍ତି ବା ବ୍ୟକ୍ତିମାନଙ୍କ ଦ୍ୱାରା ଚିହ୍ନଟ କରିବା ନିମନ୍ତେ ନିର୍ଦ୍ଦେଶ ଦେଇପାରିବେ ।

**୫୬. ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ମାଜିଷ୍ଟ୍ରେଟ୍ ବା ପୋଲିସ୍ ଥାନାର ଭାରପ୍ରାପ୍ତ ଅଧିକାରୀଙ୍କ ସାମନାରେ ହାଜର-**

କୌଣସି ପୋଲିସ୍ ଅଧିକାରୀ ବିନା ପରଓ୍ୱାନାରେ ଗିରଫ କଲେ, ସେ ଅନାବଶ୍ୟକ ବିଳମ୍ବ ନକରି ଓ ଏହି ସଂହିତାରେ ଥିବା ଜାମିନ୍-ସଂକ୍ରାନ୍ତ ପ୍ରାବଧାନଗୁଡ଼ିକର ସାପେକ୍ଷତା ଅଧୀନରେ ରହି ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ସଂପୃକ୍ତ ମାମଲାରେ କ୍ଷେତ୍ରାଧିକାର ଥିବା ଜଣେ ମାଜିଷ୍ଟ୍ରେଟ୍ ଅଥବା ଥାନାର ଭାରପ୍ରାପ୍ତ ଅଧିକାରୀଙ୍କ ନିକଟକୁ ନେଇ ଯିବେ ବା ପଠାଇଦେବେ ।

**୭୦. ଗିରଫ ପରଓ୍ୱାନାର ପ୍ରରୂପ ଓ କାଳାବଧି-**

**(୧) ଏହି ସଂହିତା ଅଧୀନରେ ଅଦାଲତ ଦ୍ୱାରା ଜାରି କରାଯାଉଥିବା ପ୍ରତି ଗିରଫ ପରଓ୍ୱାନା ଲିଖିତ ଆକାରରେ ଅଦାଲତର ପୀଠାସୀନ ଅଧିକାରୀଙ୍କ ଦ୍ୱାରା ସ୍ୱାକ୍ଷରିତ ତଥା ଅଦାଲତର ମୋହର-ଯୁକ୍ତ ହୋଇଥିବ ।**

**(୨) ଏତାଦୃଶ ପ୍ରତି ପରଓ୍ୱାନା ସେହି ସମୟ ପର୍ଯ୍ୟନ୍ତ ବଳବତ୍ତର ରହିବ, ଯେ ପର୍ଯ୍ୟନ୍ତ ଏହାକୁ ଜାରି କରିଥିବା ଅଦାଲତ ଏହାକୁ ରଦ୍ଦ କରିନାହାନ୍ତି ବା ଯେ ପର୍ଯ୍ୟନ୍ତ ଏହା ନିଷ୍ପାଦିତ ନହୋଇଛି ।**

**୭୧. ଜମାନତ୍ ନେବା ପାଇଁ ନିର୍ଦ୍ଦେଶ ଦେବାର କ୍ଷମତା-**

**(୧) ଜଣେ ବ୍ୟକ୍ତିଙ୍କୁ ଗିରଫ ପାଇଁ ପରଓ୍ୱାନା ଜାରି କରୁଥିବା କୌଣସି ଅଦାଲତ ନିଜେ ଉଚିତ୍ ମନେ କରୁଥିବା ମତେ ପରଓ୍ୱାନାରେ ପୃଷ୍ଠାଙ୍କନ ପୂର୍ବକ ନିର୍ଦ୍ଦେଶ**

ଦେଇପାରନ୍ତି ଯେ, ଯଦି ଉକ୍ତ ବ୍ୟକ୍ତି ଅଦାଲତଙ୍କ ଠାରୁ ଭିନ୍ନ କୌଣସି ନିର୍ଦ୍ଦେଶ ନମିଳିବା ପର୍ଯ୍ୟନ୍ତ ଅଦାଲତଙ୍କ ସାମନାରେ ବିନିର୍ଦ୍ଦିଷ୍ଟ ସମୟରେ ତଥା ପରବର୍ତ୍ତୀ ସମୟରେ ହାଜର୍ ହେବା ପାଇଁ ପର୍ଯ୍ୟାପ୍ତ ଜମାନତ୍ ସହିତ ଏକ ବନ୍ଧକ ନିଷ୍ପାଦନ କରନ୍ତି, ତେବେ ଯେଉଁ ଅଧିକାରୀଙ୍କ ନିକଟକୁ ଏତାଦୃଶ ପରଓ୍ୱାନାର ନିର୍ଦ୍ଦେଶ ପ୍ରଦାନ କରାଯାଉଛି, ସେ ଉକ୍ତ ଜମାନତ୍ ଗ୍ରହଣ କରିବେ ତଥା ସେହି ବ୍ୟକ୍ତିଙ୍କୁ ହାଜତ୍‌ରୁ ଖଲାସ୍ କରିବେ ।

(୨) ଉକ୍ତ ପୃଷ୍ଠାଙ୍କନରେ ନିମ୍ନୋକ୍ତ ବିଷୟ ସ୍ଥାନିତ ହେବ-

(ଏ) କେତେ ସଂଖ୍ୟକ ଜାମିନ୍‌ଦାର;

(ବି) ଉକ୍ତ ଜାମିନ୍‌ଦାରମାନେ ଏବଂ ଯେଉଁ ବ୍ୟକ୍ତିଙ୍କ ଗିରଫ ପାଇଁ ପରଓ୍ୱାନା ଜାରି କରାଯାଇଛି, ପ୍ରତ୍ୟେକ କେଉଁ ପରିମାଣର ଅର୍ଥରାଶି ପାଇଁ ଯଥାକ୍ରମେ ଦାୟବଦ୍ଧ ରହିବେ; ଏବଂ

(ସି) କେଉଁ ସମୟରେ ସେହି ବ୍ୟକ୍ତି ଅଦାଲତ୍‌ଙ୍କ ସାମନାରେ ହାଜର୍ ହେବେ ।

(୩) ଯେଉଁସ୍ଥଳେ ଏହି ଦଫା ଅଧୀନରେ ଜମାନତ୍ ନିଆଯାଇଥାଏ, ସେପରି ସ୍ଥଳେ ଯେଉଁ ଅଧିକାରୀଙ୍କ ପାଖକୁ ପରଓ୍ୱାନାର ନିର୍ଦ୍ଦେଶ ପଠାଯାଇଥାଏ, ସେ ବନ୍ଧକକୁ ଅଦାଲତଙ୍କ ନିକଟକୁ ପଠାଇବେ ।

**୭୫. ଗିରଫ ପରଓ୍ୱାନାର ସାରାର୍ଥକୁ ବିଜ୍ଞପ୍ତି କରିବା-**

**ଗିରଫ ପରଓ୍ୱାନାକୁ କାର୍ଯ୍ୟକାରୀ କରୁଥିବା ପୋଲିସ୍ ଅଧିକାରୀ କିମ୍ବା ଅନ୍ୟ ବ୍ୟକ୍ତି ଏହାର ସାରାର୍ଥକୁ ଗିରଫ ହେବାକୁ ଯାଉଥିବା ବ୍ୟକ୍ତିଙ୍କୁ ବିଜ୍ଞପ୍ତି କରିବେ ଏବଂ ଆବଶ୍ୟକ ସ୍ଥଳେ ତାଙ୍କୁ ପରଓ୍ୱାନା ଦେଖାଇବେ ।**

**୭୬. ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ଅବିଳମ୍ବେ ଅଦାଲତଙ୍କ ସାମନାକୁ ଅଣାଯିବା –**

ପୋଲିସ୍ ଅଧିକାରୀ ବା ଅନ୍ୟ କେହି ବ୍ୟକ୍ତି, ଯେ କି ଗିରଫ ପରଓ୍ୱାନାକୁ କ୍ରିୟାନ୍ୱିତ କରିଥାନ୍ତି, ସେ (ଜମାନତ୍ ସଂକ୍ରାନ୍ତରେ ଦଫା-୭୧ରେ ଥିବା ପ୍ରାବ୍ଧାନଗୁଡ଼ିକର ସାପେକ୍ଷତା ଅଧୀନରେ ରହି) ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ଅନାବଶ୍ୟକ ବିଳମ୍ବ ନକରି ସେହି ଅଦାଲତଙ୍କ ସାମନାକୁ ଆଣିବେ, ଯାହାଙ୍କ ସାମନାରେ ଏପରି ବ୍ୟକ୍ତିଙ୍କୁ ହାଜର କରାଯିବା ଆଇନ୍‌ତଃ ଆବଶ୍ୟକ ;

ପରନ୍ତୁ, ଗିରଫ ସ୍ଥାନଠାରୁ ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତ ପର୍ଯ୍ୟନ୍ତ ଗସ୍ତ ପାଇଁ ଯେତିକି ସମୟ ଆବଶ୍ୟକ, ତହିଁର ଉପେକ୍ଷାନ୍ତେ, ଏପରି ବିଳମ୍ବ କୌଣସି ପରିସ୍ଥିତିରେ ଚବିଶ ଘଣ୍ଟାରୁ ଉର୍ଦ୍ଧ୍ୱ ହେବନାହିଁ।

**୧୦୦. ତଲାସି ପାଇଁ ଏକ ଆବଦ୍ଧ ସ୍ଥାନର ଦାୟିତ୍ୱରେ ଥିବା ବ୍ୟକ୍ତିମାନଙ୍କର ଅନୁମତି ପ୍ରଦାନ -**

(୧) ପରୱାନାକୁ କ୍ରିୟାନ୍ୱିତ କରୁଥିବା ଜଣେ ଅଧିକାରୀ ବା ଅନ୍ୟ ବ୍ୟକ୍ତି ଚାହିଁବା ମାତ୍ରେ ତଥା ପରୱାନା ଦେଖାଇବା ମାତ୍ରେ ଏହି ଅଧ୍ୟାୟ ଅଧୀନରେ ତଲାସ ବା ଖାନତଲାସ ହେବାକୁ ଥିବା ସ୍ଥାନରେ ବାସ କରୁଥିବା ଅଥବା ସେହି ସ୍ଥାନର ଦାୟିତ୍ୱରେ ଥିବା ଯେ କୌଣସି ବ୍ୟକ୍ତି ତାଙ୍କୁ ଭିତରେ ଅବାଧ ପ୍ରବେଶ କରିବା ପାଇଁ ଅନୁମତି ଦେବେ ତଥା ତଲାସି କରିବା ପାଇଁ ସମସ୍ତ ଯଥୋଚିତ ସୁବିଧା ଯୋଗାଇ ଦେବେ।

(୨) ଯଦି ସେହି ସ୍ଥାନ ଭିତରକୁ ପ୍ରବେଶ କରିବା ସେପରି ସମ୍ଭବ ନହୁଏ, ତେବେ ପରୱାନାକୁ କ୍ରିୟାନ୍ୱିତ କରୁଥିବା ଜଣେ ଅଧିକାରୀ ବା ଅନ୍ୟ ବ୍ୟକ୍ତି ଦଫା ୪୭ର ଉପଦଫା(୨)ରେ ପ୍ରାକ୍ଟାନୀତ ରୀତି ଅନୁଯାୟୀ ଅଗ୍ରସର ହେବେ।

(୩) ଯେଉଁ ସ୍ଥଳେ ଉକ୍ତ ସ୍ଥାନରେ ବା ଆଖପାଖରେ ଥିବା ଜଣେ ବ୍ୟକ୍ତି ନିଜ ଶରୀରରେ ତଲାସି କରାଯାଉଥିବା କୌଣସି ଏକ ବସ୍ତୁକୁ ଲୁଚାଇ ରଖିଛି ବୋଲି ଯଥାର୍ଥ ସନ୍ଦେହ ଉପୁଜିବ, ତେବେ ସେହି ବ୍ୟକ୍ତିଙ୍କୁ ତଲାସ୍ କରାଯିବ ଏବଂ ଯଦି ସେହି ବ୍ୟକ୍ତି ଜଣେ ମହିଳା ହୋଇଥାନ୍ତି, ତେବେ ଶାଳୀନତା ପ୍ରତି  କଠୋର ଧ୍ୟାନ ପ୍ରଦାନ ସହିତ ଅନ୍ୟ ଜଣେ ମିହିଳାଙ୍କ ଦ୍ୱାରା ତଲାସି ନିଆଯିବ।

(୪) ଏହି ଅଧ୍ୟାୟ ଅଧୀନରେ ତଲାସି କରିବା ପୂର୍ବରୁ ଯେଉଁ ଅଧିକାରୀ ବା ବ୍ୟକ୍ତି ତଲାସି କରିବେ, ସେ ତଲାସ୍ ହେବାକୁ ଥିବା ସ୍ଥାନ ଯେଉଁ ମଉଜାରେ ଅବସ୍ଥିତ, ସେଠିକାର ଦୁଇ ବା ତତୋଧିକ ସମ୍ମାନିତ ବାସିନ୍ଦାଙ୍କୁ ଅଥବା ଯଦି ସେହି ମଉଜାର କୌଣସି ଏପରି ବାସିନ୍ଦା ମିଳନ୍ତି ନାହିଁ ଅବା ତଲାସିର ସାକ୍ଷୀ ହେବାକୁ ରାଜି ହୁଅନ୍ତି ନାହିଁ, ତେବେ ଅନ୍ୟ କୌଣସି ମଉଜାର ଏପରି ବାସିନ୍ଦାଙ୍କୁ ତଲାସି ବେଳେ ଉପସ୍ଥିତ ଏବଂ ସାକ୍ଷୀ ରହିବା ପାଇଁ ଡକାଇବେ, ଏବଂ ସେମାନଙ୍କ ଭିତରୁ ସମସ୍ତଙ୍କୁ ବା କୌଣସି ଜଣେ ବ୍ୟକ୍ତିଙ୍କୁ ଏଥିପାଇଁ ଏକ ଲିଖିତ ଆଦେଶ ପ୍ରଦାନ କରିପାରନ୍ତି।

(୫) ସେମାନଙ୍କ ଉପସ୍ଥିତିରେ ତଲାସି କରାଯିବ, ଏହି ତଲାସି ବେଳେ ଜବତ୍ ହୋଇଥିବା ସମସ୍ତ ବସ୍ତୁ ଏବଂ ସେଗୁଡିକ ଯଥାକ୍ରମେ ଯେଉଁ ସ୍ଥାନମାନଙ୍କରେ ଦୃଷ୍ଟିଗୋଚର

ହୋଇଛି, ସେ ସବୁଗୁଡିକର ଏକ ତାଲିକା ଉକ୍ତ ଅଧିକାରୀ ବା ବ୍ୟକ୍ତିଙ୍କ ଦ୍ୱାରା ପ୍ରସ୍ତୁତ କରାଯିବ ତଥା ଉକ୍ତ ସାକ୍ଷୀମାନଙ୍କ ଦ୍ୱାରା ସ୍ୱାକ୍ଷରିତ ହେବ; କିନ୍ତୁ ଏହି ଅଧ୍ୟାୟ ଅଧୀନସ୍ଥ ତଲାସିର ସାକ୍ଷୀ ଥିବା ଜଣେ ବ୍ୟକ୍ତିଙ୍କୁ ଯଦି ସ୍ୱତନ୍ତ୍ର ଭାବେ ସମନ୍ କରାଯାଇ ନଥାଏ, ତେବେ ସେ ତଲାସିର ସାକ୍ଷୀ ରୂପେ ଅଦାଲତରେ ହାଜର ହେବା ଆବଶ୍ୟକ ପଡିବନି ।

(୬) ପ୍ରତି କ୍ଷେତ୍ରରେ ତଲାସ୍ ହୋଇଥିବା ସ୍ଥାନ ଯେଉଁ ବ୍ୟକ୍ତିଙ୍କ ଦଖଲରେ ଥିବ, ସେ କିମ୍ବା ତାଙ୍କ ତରଫରୁ ଆଉ କେହି ବ୍ୟକ୍ତି ତଲାସି ବେଳେ ଉପସ୍ଥିତ ରହିବା ପାଇଁ ଅନୁମତି ପାଇବେ ଏବଂ ଏହି ଅଧ୍ୟାୟ ଅଧୀନରେ ପ୍ରସ୍ତୁତ ହୋଇଥିବା ତାଲିକା, ଯାହାକି ଉପରୋକ୍ତ ସାକ୍ଷୀମାନଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇଥିବ, ତହିଁର ଏକ ନକଲ ସେହି ଦଖଲଦାର୍ ବା ବ୍ୟକ୍ତିଙ୍କୁ ପ୍ରଦାନ କରାଯିବ ।

(୭) ଉପଦଫା (୩) ଅଧୀନରେ ଜଣେ ବ୍ୟକ୍ତିଙ୍କୁ ତଲାସି କରାଗଲେ ତାଙ୍କ ଠାରୁ ହସ୍ତଗତ ହୋଇଥିବା ସମସ୍ତ ଜିନିଷର ଏକ ତାଲିକା ପ୍ରସ୍ତୁତ କରାଯିବ ଏବଂ ତହିଁର ଏକ ନକଲ ସେହି ବ୍ୟକ୍ତିଙ୍କୁ ପ୍ରଦାନ କରାଯିବ ।

(୮) ଏହି ଦଫା ଅଧୀନରେ ଅନୁଷ୍ଠିତ ଏକ ତଲାସି ବେଳେ ଉପସ୍ଥିତ ରହିବା ବା ସାକ୍ଷୀ ରହିବା ପାଇଁ ଜଣେ ବ୍ୟକ୍ତିଙ୍କୁ ଏକ ଲିଖିତ ଆଦେଶ ଜାରି କରାଯିବା ବା ପ୍ରଦାନ କରାଯିବା ସତ୍ତ୍ୱେ ସେ ଯଦି ଯଥାର୍ଥ କାରଣ ନଥାଇ ଏହାକୁ ଅଗ୍ରାହ୍ୟ କରନ୍ତି ବା ଅବହେଳା କରନ୍ତି, ତେବେ ସେହି ବ୍ୟକ୍ତି ଭାରତୀୟ ଦଣ୍ଡବିଧି ସଂହିତା (୧୮୬୦ର ୪୫)ର ଦଫା ୧୮୭ ଅଧୀନରେ ଏକ ଅପରାଧ ଘଟାଇଛନ୍ତି ବୋଲି ବିବେଚନା କରାଯିବ ।

**୧୬୦. ସାକ୍ଷୀମାନଙ୍କୁ ହାଜର କରାଇବା ପାଇଁ ପୋଲିସ୍ ଅଧିକାରୀଙ୍କ କ୍ଷମତା-**

(୧) ଏହି ଅଧ୍ୟାୟ ଅଧିନରେ ତଦନ୍ତକାରୀ ଜଣେ ପୋଲିସ୍ ଅଧିକାରୀ ଲିଖିତ ଆଦେଶ ବଳରେ ନିଜର ବା ପାର୍ଶ୍ୱସ୍ଥ ଥାନାର ପରିସୀମା ଅନ୍ତର୍ଗତ ଏପରି କୌଣସି ବ୍ୟକ୍ତିଙ୍କୁ ତାଙ୍କ ସାମନାରେ ହାଜର ହେବାପାଇଁ ଲୋଡିପାରନ୍ତି, ଯେ କି ସଂପୃକ୍ତ ମାମଲାର ତଥ୍ୟାବଳୀ ଓ ପରିସ୍ଥିତି ସମ୍ବନ୍ଧରେ ପରିଚିତ ଅଛନ୍ତି ବୋଲି ହସ୍ତଗତ ହୋଇଥିବା ସୂଚନା ବା ଅନ୍ୟ କୌଣସି ସୂତ୍ରରୁ ପ୍ରତୀୟମାନ ହୋଇପାରେ; ଏବଂ ଉକ୍ତ ବ୍ୟକ୍ତି ସେହି ମତେ ହାଜର୍ ହେବେ :

ପରନ୍ତୁ, ପନ୍ଦର ବର୍ଷରୁ କମ୍ ବୟସର ଗୋଟିଏ ପୁଅ ପିଲା କିମ୍ବା ଜଣେ ମହିଳାଙ୍କୁ , ସେମାନେ ବାସ କରୁଥିବା ସ୍ଥାନ ବ୍ୟତିରେକ ଅନ୍ୟ ସ୍ଥାନରେ ହାଜର୍ ହେବାକୁ ଲୋଡାଯାଇ ପାରିବ ନାହିଁ ।

(୨) ଉପଦଫା(୧) ଅଧୀନରେ ନିଜ ବାସସ୍ଥାନ ଛଡା ଅନ୍ୟ ସ୍ଥାନରେ ହାଜର ହେଉଥିବା ପ୍ରତି ବ୍ୟକ୍ତିଙ୍କର ଯଥୋଚିତ ଖର୍ଚ୍ଚ ସଂପୃକ୍ତ ପୋଲିସ୍ ଅଧିକାରୀଙ୍କ ଦ୍ୱାରା ପଇଠ ହେବା ପାଇଁ ରାଜ୍ୟ ସରକାର ତଦୁଦ୍ଦେଶ୍ୟରେ ପ୍ରବର୍ତ୍ତୀତ ନିୟମାବଳୀ ବଳରେ ପ୍ରାବଧାନ ପ୍ରଣୟନ କରିପାରନ୍ତି ।

## ୧୬୫. ପୋଲିସ୍ ଅଧିକାରୀଙ୍କ ଦ୍ୱାରା ତଲାସି –

(୧) ଯଦି ଗୋଟିଏ ପୋଲିସ୍ ଥାନାର ଭାରପ୍ରାପ୍ତ ଅଧିକାରୀ କିମ୍ବା ଜଣେ ତଦନ୍ତକାରୀ ପୋଲିସ୍ ଅଧିକାରୀ ଯଥାର୍ଥ କାରଣମାନ ଯୋଗୁଁ ବିଶ୍ୱାସ କରୁଥାନ୍ତି ଯେ, ସେ ଯେଉଁ ଅପରାଧର ତଦନ୍ତ କରିବା ପାଇଁ କ୍ଷମତାପ୍ରାପ୍ତ ହୋଇଛନ୍ତି, ତହିଁର ଉଦ୍ଦେଶ୍ୟ ସହ ଜଡିତ କୌଣସି ଏକ ବସ୍ତୁ ସେ ଯେଉଁ ପୋଲିସ୍ ଥାନାର ଭାରପ୍ରାପ୍ତ ଅଧିକାରୀ ବା ଯେଉଁ ପୋଲିସ୍ ଥାନା ସହ ସଂଯୁକ୍ତ, ତହିଁର କୌଣସି ଏକ ସ୍ଥାନରେ ଦୃଷ୍ଟିଗୋଚର ହୋଇପାରେ, ଏବଂ ତାଙ୍କ ମତରେ ଅଯଥା ବିଳମ୍ବ ଫଳରେ ସେହି ବସ୍ତୁ ମିଳି ନପାରେ, ତେବେ ସେହି ଅଧିକାରୀ ତାଙ୍କର ଏପରି ବିଶ୍ୱାସ କରିବାର କାରଣମାନ ଲିପିବଦ୍ଧ କଲାପରେ ତଥା ଯେଉଁ ବସ୍ତୁ ପାଇଁ ତଲାସି କରାଯିବ, ସେହି ବସ୍ତୁ ସମ୍ବନ୍ଧରେ ଉକ୍ତ ଲେଖାରେ ଯଥାସମ୍ଭବ ନିର୍ଦ୍ଦିଷ୍ଟଭାବେ ସୂଚୀତ କଲାପରେ ନିଜେ ଉକ୍ତ ଥାନାର ପରିସୀମା ଭିତରେ ଥିବା ଯେ କୌଣସି ସ୍ଥାନରେ ସେହି ବସ୍ତୁର ତଲାସି କରିପାରନ୍ତି ବା କରାଇପାରନ୍ତି ।

(୨) ଉପଦଫା (୧) ଅଧୀନରେ ଅଗ୍ରସର ହେଉଥିବା ଜଣେ ପୋଲିସ୍ ଅଧିକାରୀ ସମ୍ଭବ ହେଲେ ନିଜେ ଏହି ତଲାସି ପରିଚାଳନା କରିବେ ।

(୨) ଯଦି ସେ ନିଜେ ଏହି ତଲାସି ପରିଚାଳନା କରିବାକୁ ଅକ୍ଷମ ହୁଅନ୍ତି, ଏବଂ ତଲାସି କରିବା ପାଇଁ ଅନ୍ୟ କେହି କ୍ଷମତା-ସମ୍ପନ୍ନ ବ୍ୟକ୍ତି ସେହି ମୁହୂର୍ତ୍ତରେ ଉପସ୍ଥିତ ନଥାନ୍ତି, ତେବେ ସେ ତଦୁଦ୍ଦେଶ୍ୟରେ କାରଣମାନ ଲିପିବଦ୍ଧ କରିବା ପରେ ତାଙ୍କର ଅଧସ୍ତନ ଥିବା କୌଣସି ଅଧିକାରୀଙ୍କୁ ଉକ୍ତ ତଲାସି ପାଇଁ ଲୋଡି ପାରନ୍ତି ଏବଂ ସେ ତଲାସି ହେବାକୁ ଥିବା ସ୍ଥାନ ଏବଂ ଯଥାସମ୍ଭବ ତଲାସି ହେବାକୁ ଥିବା ବସ୍ତୁ ସମ୍ବନ୍ଧରେ ନିର୍ଦ୍ଦିଷ୍ଟ

ସୂଚନାମାନ ଦେଇ ଏକ ଲିଖିତ ଆଦେଶ ଉକ୍ତ ଅଧସ୍ତନ ଅଧିକାରୀଙ୍କୁ ପ୍ରଦାନ କରିବେ; ଓ ତା'ପରେ ଏହି ଅଧସ୍ତନ ଅଧିକାରୀ ଉକ୍ତ ସ୍ଥାନରେ ସେହି ବସ୍ତୁର ତଲାସି କରିବେ ।

(୩) ତଲାସି ପରଓ୍ୱାନା ସମ୍ବନ୍ଧରେ ଏହି ସଂହିତାର ପ୍ରାବ୍‌ଧାନସମୂହ ଏବଂ ଦଫା ୧୦୦ ଅଧୀନରେ ଥିବା ତଲାସି ସମ୍ବନ୍ଧୀୟ ପ୍ରାବ୍‌ଧାନସମୂହ ଏହି ଦଫା ଅଧୀନରେ ପରିଚାଳିତ ତଲାସି କ୍ଷେତ୍ରରେ ଯଥାସମ୍ଭବ ପ୍ରଯୁଜ୍ୟ ରହିବ ।

(୪) ଉପଦଫା (୧) ବା ଉପଦଫା (୩) ଅଧୀନରେ ପ୍ରସ୍ତୁତ ପ୍ରତ୍ୟେକ ନଥିର ନକଲକୁ ତତ୍‌କ୍ଷଣାତ୍ ଅପରାଧର ସଂଜ୍ଞାନ କରିବାପାଇଁ କ୍ଷମତାପ୍ରାପ୍ତ ହୋଇଥିବା ନିକଟତମ ମାଜିଷ୍ଟ୍ରେଟ୍‌ଙ୍କ ନିକଟକୁ ପଠାଯିବ, ଏବଂ ତଲାସି କରାଯାଇଥିବା ସ୍ଥାନର ମାଲିକ ବା ଦଖଲଦାର୍‌ଙ୍କୁ ତାଙ୍କର ଆବେଦନ କ୍ରମେ ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରା ତହିଁର ଏକ ନକଲ ମାଗଣାରେ ଯୋଗାଇ ଦିଆଯିବ ।

## ୧୬୭. ଚବିଶ୍ ଘଣ୍ଟା ଭିତରେ ଅନୁସନ୍ଧାନ ସମାପ୍ତ ହୋଇପାରୁନଥିବା ପରିସ୍ଥିତିରେ ଅନୁସରଣୀୟ କାର୍ଯ୍ୟବିଧି *[ଫୌଜ୍‌ଦାରି କାର୍ଯ୍ୟବିଧି (ଓଡିଶା ସଂଶୋଧନ) ଆଇନ୍, ୧୯୯୭ ଦ୍ୱାରା ଯଥାସ୍ଥଳେ ପ୍ରଭାବିତ ହୋଇଥିବା ମତେ]*

(୧) ଯେଉଁ ସ୍ଥଳେ ଜଣେ ବ୍ୟକ୍ତି ଗିରଫ ହୋଇ ହାଜତ୍‌ରେ ଥାଆନ୍ତି ଏବଂ ଏହା ପ୍ରତୀତ ହୁଏ ଯେ, ଦଫା ୫୭ ବଳରେ ଧାର୍ଯ୍ୟ ହୋଇଥିବା ଚବିଶ୍ ଘଣ୍ଟା ଭିତରେ ଅନୁସନ୍ଧାନ ସମାପ୍ତ ହୋଇପାରିବ ନାହିଁ, ଏବଂ ପ୍ରାପ୍ତ ଅଭିଯୋଗ ବା ସୂଚନା ଭିତ୍ତିମୂଳକ ବୋଲି ବିଶ୍ୱାସ କରିବା ପଛରେ ଅନେକ କାରଣ ରହିଛି, ସେପରି ସ୍ଥଳେ ପୋଲିସ୍ ଥାନାର ଭାରପ୍ରାପ୍ତ ଅଧିକାରୀ ବା ଉପନିରୀକ୍ଷକ (ସବ୍-ଇନ୍‌ସ୍ପେକ୍ଟର୍) ପାହ୍ୟା ଠାରୁ ନିମ୍ନରେ ନଥିବା ସଂପୃକ୍ତ ତଦନ୍ତକାରୀ ଅଧିକାରୀ ମାମଲା ସମ୍ବନ୍ଧରେ ଡାଏରୀରେ ଦରଜ ହୋଇଥିବା ତଥ୍ୟାବଳୀର ଏକ ନକଲ ତତ୍‌କ୍ଷଣାତ୍ ନିକଟତମ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ନିକଟକୁ ସଂଚାରଣ କରିବେ ଏବଂ ଅଭିଯୁକ୍ତ ବ୍ୟକ୍ତିଙ୍କୁ ମଧ୍ୟ ମାଜିଷ୍ଟ୍ରେଟ୍‌ଙ୍କ ନିକଟକୁ ଅଭିପ୍ରେରଣ କରିବେ ।

(୨) ଏହି ଦଫା ଅଧୀନରେ ଜଣେ ଅଭିଯୁକ୍ତ ବ୍ୟକ୍ତିଙ୍କୁ ଯେଉଁ ମାଜିଷ୍ଟ୍ରେଟ୍‌ଙ୍କ ନିକଟକୁ ଅଭିପ୍ରେରଣ କରାଯାଇଛି, ସେହି ମାଜିଷ୍ଟ୍ରେଟ୍‌ଙ୍କର ଉକ୍ତ ମାମଲାର ବିଚାରଣ ଉପରେ କ୍ଷେତ୍ରାଧିକାର ଥାଉ ବା ନଥାଉ, ସେ ସମୟାନ୍ତରରେ ଉଚିତ୍ ମନେ କରିବା ମତେ ଏକ ଉପଯୁକ୍ତ ହାଜତ୍‌ରେ ଅଭିଯୁକ୍ତଙ୍କୁ ମୋଟ୍ ଉପରେ ୧୫ ଦିନରୁ ଅଧିକ ହେଉନଥିବା

ଏକ କାଳାବଧି ପାଇଁ ଅଟକ ରଖିବା ସକାଶେ ନିଜର ପ୍ରାଧିକାର ପ୍ରୟୋଗ କରିପାରନ୍ତି ; ଯଦି ମାମଲାଟିର ବିଚାର କରିବା ବା ବିଚାର ପାଇଁ ସୁପର୍ଦ୍ଦ କରିବା ସକାଶେ ଜଣେ ମାଜିଷ୍ଟ୍ରେଟ୍‌ଙ୍କର କ୍ଷେତ୍ରାଧିକାର ନଥାଏ ଏବଂ ସେ ମନେ କରନ୍ତି ଯେ, ଅଧିକ କାଳ ଅଟକ ରଖିବା ଅନାବଶ୍ୟକ, ତେବେ ସେ ଅଭଯୁକ୍ତ ବ୍ୟକ୍ତିଙ୍କୁ ଏତାଦୃଶ କ୍ଷେତ୍ରାଧିକାରର ଅଧିକାରୀ ହୋଇଥିବା ଜଣେ ମାଜିଷ୍ଟ୍ରେଟ୍‌ଙ୍କ ନିକଟକୁ ଅଭିପ୍ରେରଣ କରିବା ପାଇଁ ଆଦେଶ ଦେଇ ପାରନ୍ତି :

ପରନ୍ତୁ, -

(ଏ) ଯଦି ମାଜିଷ୍ଟ୍ରେଟ୍ ହୃଦ୍‌ବୋଧ କରନ୍ତି ଯେ, ପୋଲିସ୍ ହାଜତ୍ ଛଡା ଅନ୍ୟ କୌଣସି ପ୍ରକାରରେ ଅଭିଯୁକ୍ତ ବ୍ୟକ୍ତିଙ୍କୁ ପନ୍ଦର ଦିନଠାରୁ ଅଧିକ ସମୟ ପାଇଁ ଅଟକ ରଖିବା ପଛରେ ଯଥେଷ୍ଟ କାରଣ ରହିଛି, ତେବେ ସେ ସେଥିପାଇଁ ପ୍ରାଧିକାର ପ୍ରଦାନ କରିପାରନ୍ତି, କିନ୍ତୁ କୌଣସି ମାଜିଷ୍ଟ୍ରେଟ୍ ଏହି (ଅନୁଚ୍ଛେଦ ଅଧୀନରେ) ଧାରା ଅଧିନରେ *[ ଫୌଜଦାରି କାର୍ଯ୍ୟବିଧି (ଓଡିଶା ସଂଶୋଧନ ) ଆଇନ୍, ୧୯୯୭ ବଳରେ ପ୍ରତିସ୍ଥାପିତ ]* ନିମ୍ନୋକ୍ତ ସର୍ବମୋଟ୍ କାଳାବଧି ଠାରୁ ଅଧିକ ସମୟ ପାଇଁ ଜଣେ ଅଭିଯୁକ୍ତ ବ୍ୟକ୍ତିଙ୍କୁ ହାଜତ୍‌ରେ ଅଟକ ରଖିବା ପାଇଁ ପ୍ରାଧିକାର ପ୍ରଦାନ କରିପାରିବେ ନାହିଁ-

(୧) (ନବେ ଦିନ) ଏକ ଶହ କୋଡିଏ ଦିନ *[ଫୌଜଦାରି କାର୍ଯ୍ୟବିଧି (ଓଡିଶା ସଂଶୋଧନ) ଆଇନ୍, ୧୯୯୭ ବଳରେ ପ୍ରତିସ୍ଥାପିତ]*, ଯେଉଁ ସ୍ଥଳେ ଏପରି ଏକ ଦଣ୍ଡନୀୟ ଅପରାଧ ସମ୍ବନ୍ଧରେ ତଦନ୍ତ ଚାଲିଛି, ଯାହା ପାଇଁ ମୃତ୍ୟୁ, ଆଜୀବନ ଜେଲ୍ ବା ଦଶବର୍ଷରୁ କମ୍ ହେଉନଥିବା ଜେଲ୍ ଦଣ୍ଡ ମିଳିଥାଏ;

(୨) ଷାଠିଏ ଦିନ, ଯେଉଁ ସ୍ଥଳେ ତଦନ୍ତ ଅନ୍ୟ କୌଣସି ଅପରାଧ ପାଇଁ ଚାଲିଥାଏ,

ଏବଂ ଯଥାବିଧି ଉକ୍ତ (ନବେ ଦିନ) ଏକ ଶହ କୋଡିଏ ଦିନ *[ଫୌଜଦାରି କାର୍ଯ୍ୟବିଧି (ଓଡିଶା ସଂଶୋଧନ) ଆଇନ୍, ୧୯୯୭ ବଳରେ ପ୍ରତିସ୍ଥାପିତ]* ବା ଷାଠିଏ ଦିନର କାଳାବଧି ସମାପ୍ତ ହେବା ପରେ ଯଦି ଅଭିଯୁକ୍ତ ବ୍ୟକ୍ତି ଜାମିନ୍ ପ୍ରଦାନ ପାଇଁ ପ୍ରସ୍ତୁତ ଥାଆନ୍ତି ଏବଂ ଏହାକୁ ପ୍ରଦାନ କରନ୍ତି, ତେବେ ଅଭିଯୁକ୍ତ ବ୍ୟକ୍ତିଙ୍କୁ ଜାମିନ୍ ବଳରେ ଖଲାସ୍ କରିଦିଆଯିବ; ଏବଂ ଏହି ଦଫା

ଅଧୀନରେ ଜାମିନ୍ ବଳରେ ଖଲାସ୍ ହେଉଥିବା ପ୍ରତି ବ୍ୟକ୍ତି ଅଧ୍ୟାୟ-୩୩ ଅଧୀନସ୍ଥ ପ୍ରାବ୍ଧାନସମୂହ ଅଧୀନରେ ତଦୁଦ୍ଦେଶ୍ୟରେ ଖଲାସ ହେଉଥିବା ଜଣେ ବ୍ୟକ୍ତି ବୋଲି ବିବେଚିତ ହେବେ;

(ବି) ଯଦି ଜଣେ ଅଭିଯୁକ୍ତ ବ୍ୟକ୍ତିଙ୍କୁ ମାଜିଷ୍ଟ୍ରେଟ୍‌ଙ୍କ ସାମନାରେ ହାଜର କରାଯାଇନଥାଏ, ତେବେ ସେହି ମାଜିଷ୍ଟ୍ରେଟ୍ ଉକ୍ତ ବ୍ୟକ୍ତିଙ୍କୁ ହାଜତ୍‌ରେ ଅଟକ ରଖିବା ପାଇଁ ପ୍ରାଧିକାର ପ୍ରଦାନ କରିବେ ନାହିଁ ;

(ସି) ଯଦି ଯଥା ଉଦ୍ଦେଶ୍ୟରେ ହାଇକୋର୍ଟଙ୍କ ଦ୍ୱାରା ସ୍ୱତନ୍ତ୍ର ଭାବେ କ୍ଷମତାପ୍ରାପ୍ତ ହୋଇନଥିବେ, ତେବେ କୌଣସି ଦ୍ୱିତୀୟ ଶ୍ରେଣୀ ମାଜିଷ୍ଟ୍ରେଟ୍ ପୋଲିସ୍ ହାଜତ୍‌ରେ ଅଟକ ରଖିବା ପାଇଁ ପ୍ରାଧିକାର ପ୍ରଦାନ କରିପାରିବେ ନାହିଁ ।

ସ୍ପଷ୍ଟୀକରଣ-୧: କୌଣସି ସନ୍ଦେହକୁ ପ୍ରଶୟ ନଦେବା ପାଇଁ ଏତଦ୍ଦ୍ୱାରା ଘୋଷଣା କରାଯାଉଛି ଯେ, ଅନୁଚ୍ଛେଦ(ଏ)ରେ କାଳାବଧିର ସମାପ୍ତି ସମ୍ବନ୍ଧରେ ଯାହାକିଛି ବିନିର୍ଦ୍ଦିଷ୍ଟ ହୋଇଥାଉନା କାହିଁକି, ଅଭିଯୁକ୍ତ ବ୍ୟକ୍ତି ଯେ ପର୍ଯ୍ୟନ୍ତ ଜାମିନ୍ ଜିମା ଦେଇନଥିବେ, ସେ ପର୍ଯ୍ୟନ୍ତ ସେ ହାଜତ୍‌ରେ ଅଟକ ରହିବେ ।

ସ୍ପଷ୍ଟୀକରଣ-୨: ଅନୁଚ୍ଛେଦ(ବ)ର ପ୍ରୟୋଜନ ମତେ ଜଣେ ଅଭିଯୁକ୍ତ ବ୍ୟକ୍ତିଙ୍କୁ ମାଜିଷ୍ଟ୍ରେଟ୍‌ଙ୍କ ସାମନାରେ ହାଜର୍ କରାଯାଇଛି କି ନାହିଁ, ଏ ସମ୍ବନ୍ଧରେ ଯଦି କୌଣସି ପ୍ରଶ୍ନ ଉଠେ, ତେବେ ଅଟକ ପାଇଁ ପ୍ରାଧିକାର ବହନ କରିଥିବା ସେହି ଆଦେଶ ଉପରେ ଉକ୍ତ ଅଭିଯୁକ୍ତ ବ୍ୟକ୍ତିଙ୍କର ସ୍ୱାକ୍ଷରରୁ ତାଙ୍କର ହାଜିରା ପ୍ରମାଣିତ ହୋଇପାରେ ।

(୨ଏ) ଉପଧାରା(୧) ବା ଉପଧାରା(୨)ରେ ଯାହାକିଛି ଉଲ୍ଲେଖ ଥାଉନା କାହିଁକି, ଯେଉଁ ସ୍ଥଳେ ଜଣେ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍ ଉପଲବ୍ଧ ନଥିବେ, ସେପରି ସ୍ଥଳେ ପୋଲିସ୍ ଥାନାର ଭାରପ୍ରାପ୍ତ ଅଧିକାରୀ କିମ୍ବା ପୋଲିସ୍ ଉପ-ନିରୀକ୍ଷକ (ସବ୍-ଇନ୍‌ସ୍ପେକ୍ଟର୍) ଠାରୁ ନିମ୍ନ ପାହ୍ୟାର ହୋଇନଥିବା ତଦନ୍ତକାରୀ ପୋଲିସ୍ ଅଧିକାରୀ ମାମଲା ସମ୍ବନ୍ଧରେ ଡାଏରୀରେ ନିମ୍ନମତେ ସୂଚୀତ ହୋଇଥିବା ରୀତିରେ ଦରଜ କରାଯାଇଥିବା ତଥ୍ୟାବଳୀକୁ ସେପରି ଜଣେ ନିକଟତମ ପ୍ରଶାସନିକ ମାଜିଷ୍ଟ୍ରେଟ୍‌ଙ୍କ ନିକଟକୁ ସଞ୍ଚାରଣ କରିବେ, ଯାହାଙ୍କ ଉପରେ ଜଣେ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍ ବା

ମହାନଗରୀୟ ମାଜିଷ୍ଟ୍ରେଟ୍‌ଙ୍କ କ୍ଷମତାବଳୀ ଅର୍ପିତ ହୋଇଛି, ଏବଂ ସେ ସଙ୍ଗେସଙ୍ଗେ ଅଭିଯୁକ୍ତ ବ୍ୟକ୍ତିଙ୍କୁ ଉକ୍ତ ପ୍ରଶାସନିକ ମାଜିଷ୍ଟ୍ରେଟ୍‌ଙ୍କ ନିକଟକୁ ଅଭିପ୍ରେରଣ କରିବେ ଏବଂ ତା'ପରେ ଉକ୍ତ ପ୍ରଶାସନିକ ମାଜିଷ୍ଟ୍ରେଟ୍ ନିଜେ ଯଥାର୍ଥ ମନେ କରୁଥିବା ମତେ କାରଣମାନ ଲିପିବଦ୍ଧ କରିବା ପୂର୍ବକ ଅଭିଯୁକ୍ତ ବ୍ୟକ୍ତିଙ୍କୁ ଏକ ହାଜତ୍‌ରେ ଅଟକ ରଖିବା ପାଇଁ ପ୍ରାଧିକାର ପ୍ରଦାନ କରିପାରନ୍ତି, କିନ୍ତୁ ଅଟକର କାଳାବଧି ସମୁଦାୟ ସାତଦିନରୁ ଅଧିକ ହେବନାହିଁ; ଯେଉଁସ୍ଥଳେ ଅଭିଯୁକ୍ତଙ୍କୁ ଅଧିକତର ମିଆଦ ପାଇଁ ଅଟକ ରଖିବା ସକାଶେ ଜଣେ କ୍ଷମତା-ସମ୍ପନ୍ନ ମାଜିଷ୍ଟ୍ରେଟ୍ ଆଦେଶ ଜାରି କରିଥିବେ, ସେପରି କ୍ଷେତ୍ରକୁ ବାଦ୍ ଦେଇ ଅନ୍ୟ ସମସ୍ତ କ୍ଷେତ୍ରରେ ଉପରୋକ୍ତ ମତେ ପ୍ରାଧିକୃତ ହୋଇଥିବା ଅଟକର କାଳାବଧି ସମାପ୍ତ ହୁଅନ୍ତେ ଅଭିଯୁକ୍ତ ବ୍ୟକ୍ତିଙ୍କୁ ଜାମିନ୍ ବଳରେ ଖଲାସ କରିଦିଆଯିବ; ଏବଂ ଯେଉଁସ୍ଥଳେ ଏପରି ଏକ ଅଧିକତର ଅଟକ ପାଇଁ ଆଦେଶ ଦିଆଯାଇଥିବ, ସେପରି ସ୍ଥଳେ ଏହି ଉପଦଫା ଅଧୀନରେ ଜଣେ ପ୍ରଶାସନିକ ମାଜିଷ୍ଟ୍ରେଟ୍‌ଙ୍କ ଆଦେଶ ବଳରେ ଉକ୍ତ ଅଭିଯୁକ୍ତ ବ୍ୟକ୍ତି ଯେଉଁ କାଳାବଧି ପାଇଁ ହାଜତ୍‌ରେ ଅଟକ ଥିବେ, ତାହାକୁ ଉପଦଫା(୨)ର ପରନ୍ତୁକ ଅଧୀନସ୍ଥ ଅନୁଚ୍ଛେଦ (ଏ)ରେ ବିନିର୍ଦ୍ଦିଷ୍ଟ ହୋଇଥିବା କାଳାବଧିର ସଂଗଣନା କଲାବେଳେ ହିସାବକୁ ନିଆଯିବ ;

ପରନ୍ତୁ, ଉପରୋକ୍ତ କାଳାବଧି ସମାପ୍ତ ହେବା ପୂର୍ବରୁ ମାମଲାଟି ସମ୍ବନ୍ଧରେ ଡାଏରୀରେ ଦରଜ ହୋଇଥିବା ଯେଉଁସବୁ ତଥ୍ୟାବଳୀକୁ ଯଥାସ୍ଥିତି ପୋଲିସ୍ ଥାନାର ଭାରପ୍ରାପ୍ତ ଅଧିକାରୀ ବା ତଦନ୍ତକାରୀ ପୋଲିସ୍ ଅଧିକାରୀ ପ୍ରଶାସନିକ ମାଜିଷ୍ଟ୍ରେଟ୍‌ଙ୍କ ନିକଟକୁ ସଂଚାରଣ କରିଥିବେ, ସେସବୁର ଗୋଟିଏ ନକଲ ସହିତ ମାମଲାଟିର ନଥିସମୂହକୁ ପ୍ରଶାସନିକ ମାଜିଷ୍ଟ୍ରେଟ୍ ନିକଟତମ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ନିକଟକୁ ସଂଚାରଣ କରିବେ ।

(୩) ଏହି ଦଫା ଅଧୀନରେ ପୋଲିସ୍ ହାଜତ୍‌ରେ ଅଟକ ପାଇଁ ପ୍ରାଧିକାର ପ୍ରଦାନ କରୁଥିବା ଜଣେ ମାଜିଷ୍ଟ୍ରେଟ୍ ଏତାଦୃଶ ନିଷ୍ପତ୍ତି ପଛରେ ଥିବା ତାଙ୍କର ଯୁକ୍ତିଗୁଡ଼ିକୁ ଲିପିବଦ୍ଧ କରିବେ ।

(୪) ମୁଖ୍ୟ ବିଚାର-ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ଠାରୁ ଭିନ୍ନ ଅନ୍ୟ କୌଣସି ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରା ଯଦି ଉକ୍ତ ଆଦେଶ ଜାରି କରାଯାଇଥାଏ, ତେବେ ସେ ଉକ୍ତ ଆଦେଶ ପଛରେ ଥିବା କାରଣମାନ ଦର୍ଶାଇବା ସହିତ ଏହାର ଏକ ନକଲ ମୁଖ୍ୟ ବିଚାର-ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ପାଖକୁ ଅଭିପ୍ରେରଣ କରିବେ ।

(୫) ଜଣେ ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରା ସମନ୍-ମାମଲା ରୂପେ ବିଚାରଯୋଗ୍ୟ ହେଉଥିବା କୌଣସି ଏକ ମାମଲା କ୍ଷେତ୍ରରେ ଯଦି ଅଭିଯୁକ୍ତ ବ୍ୟକ୍ତି ଗିରଫ ହେବା ତାରିଖର ଛ' ମାସ କାଳାବଧି ମଧ୍ୟରେ ତଦନ୍ତ ସମାପ୍ତ ହୋଇ ନଥାଏ, ଏବଂ ଛ' ମାସର କାଳାବଧି ବିତିଗଲା ପରେ ବି ବିଶେଷ କାରଣମାନ ଯୋଗୁଁ ତଥା ନ୍ୟାୟ-ପ୍ରଦାନ ସ୍ୱାର୍ଥରେ ତଦନ୍ତ ଚାଲୁ ରହିବା ଆବଶ୍ୟକ ବୋଲି ଯଦି ତଦନ୍ତକାରୀ ଅଧିକାରୀ ମାଜିଷ୍ଟ୍ରେଟ୍‌ଙ୍କର ହୃଦ୍‌ବୋଧ କରାଇନଥାନ୍ତି, ତେବେ ସଂପୃକ୍ତ ଅପରାଧର ଅଧିକତର ତଦନ୍ତ କାର୍ଯ୍ୟକୁ ବନ୍ଦ କରିଦେବା ପାଇଁ ମାଜିଷ୍ଟ୍ରେଟ୍ ଆଦେଶ ଜାରି କରିପାରନ୍ତି ।

(୬) ଯେଉଁ ସ୍ଥଳେ ଉପଦଫା (୫) ଅଧୀନରେ ଏକ ଅପରାଧର ଅଧିକତର ତଦନ୍ତକୁ ବନ୍ଦ କରିବା ପାଇଁ ଆଦେଶ ଦିଆଯାଇଥିବ, ସେପରି ସ୍ଥଳେ ଦୌରା ବିଚାରପତି ତାଙ୍କ ପାଖରେ ଦାଖଲ ହୋଇଥିବା ଆବେଦନ କ୍ରମେ ଅଥବା ଅନ୍ୟ କୌଣସି ଉପାୟ ବଳରେ ଯଦି ହୃଦ୍‌ବୋଧ କରନ୍ତି ଯେ, ଅପରାଧର ଅଧିକତର ତଦନ୍ତ ହେବା ଉଚିତ୍ , ତେବେ ସେ ଉପଦଫା (୫) ଅଧୀନରେ ପ୍ରଦତ୍ତ ଆଦେଶକୁ ବାତିଲ୍ କରି ଦେଇପାରନ୍ତି ଏବଂ ଜାମିନ୍ ତଥା ଅନ୍ୟାନ୍ୟ ବିଷୟ ସଂକ୍ରାନ୍ତରେ ତାଙ୍କ ଚାହିଁବା ମତେ ବିନିର୍ଦ୍ଦିଷ୍ଟ ହେବାକୁ ଥିବା ନିର୍ଦ୍ଦେଶସମୂହର ସାପେକ୍ଷତା ଅଧୀନରେ ରହି ଅପରାଧର ଅଧିକତର ତଦନ୍ତ ଚଳାଇ ରଖିବା ସକାଶେ ନିର୍ଦ୍ଦେଶ ଦେଇପାରନ୍ତି ।

**୪୩୬. କେଉଁସବୁ ମାମଲାଗୁଡିକରେ ଜାମିନ୍ ନିଆଯାଇପାରେ-**

***[ଫୌଜଦାରୀ କାର୍ଯ୍ୟବିଧି ସଂହିତା (ସଂଶୋଧନ) ଆଇନ୍, ୨୦୦୫ (୨୦୦୫ର ଆଇନ୍ ସଂଖ୍ୟା-୨୫) ବଳରେ ସଂଶୋଧିତ ଓ ପରିବର୍ଦ୍ଧିତ ହୋଇଥିବା ମତେ]***

(୧) ଯଦି ଜାମିନ୍-ଅଯୋଗ୍ୟ ଅପରାଧରେ ଦୋଷାରୋପିତ ହୋଇଥିବା ବ୍ୟକ୍ତିଙ୍କ ଠାରୁ ଭିନ୍ନ ଜଣେ ବ୍ୟକ୍ତି ପୋଲିସ୍ ଥାନାର ଭାରପ୍ରାପ୍ତ ଅଧିକାରୀଙ୍କ ବିନା ପରୱାନାରେ ଗିରଫ ହୋଇଥାନ୍ତି ବା ଅଟକ ଥାଆନ୍ତି, ଅଥବା ଗୋଟିଏ ଅଦାଲତ ସାମନାରେ ଉପସ୍ଥିତ ହୁଅନ୍ତି ବା ଅଦାଲତଙ୍କ ସମ୍ମୁଖକୁ ଆନୀତ ହୋଇଥାନ୍ତି, ଏବଂ ଉକ୍ତ ଅଧିକାରୀଙ୍କ ହାଜତ୍‌ରେ ଥିବା ବେଳେ ଯେ କୌଣସି ସମୟରେ ଅଥବା ସେହି ଅଦାଲତରେ କାର୍ଯ୍ୟବିଧିର ଯେ କୌଣସି ପର୍ଯ୍ୟାୟରେ ସେ ଜାମିନ୍ ଯୋଗାଡ କରିବା ପାଇଁ ପ୍ରସ୍ତୁତ ଥାଆନ୍ତି, ତେବେ ସେହି ବ୍ୟକ୍ତିଙ୍କୁ ଜାମିନ୍ ବଳରେ ଖଲାସ୍ କରିଦିଆଯିବ:

ପରନ୍ତୁ, ଯଦି ସେହି ବ୍ୟକ୍ତି ନିର୍ଦ୍ଧନ ଅଟନ୍ତି ଏବଂ ଜମାନତ୍ ଦାଖଲ ପାଇଁ ଅକ୍ଷମ ହୁଅନ୍ତି , ତେବେ ଉକ୍ତ ଅଧିକାରୀ ବା ଅଦାଲତ ଉପଯୁକ୍ତ ମନେକଲେ ସେହି ବ୍ୟକ୍ତିଙ୍କ ଠାରୁ ଜାମିନ୍ ଗ୍ରହଣ କରିବା ପରିବର୍ତ୍ତେ ନିମ୍ନଲିଖିତ ରୀତିରେ ସେ ହାଜର ହେବା ପାଇଁ ଜମାନତ୍-ବିହୀନ ଏକ ମୁଚାଲିକା ନିଷ୍ପାଦନ କରିଦେବା ପରେ ତାଙ୍କୁ ଖଲାସ୍ କରି ଦେଇପାରନ୍ତି ଏବଂ ଖଲାସ୍ କରିଦେବେ ।

ସ୍ପଷ୍ଟୀକରଣ- ଯେଉଁ ସ୍ଥଳେ ଜଣେ ବ୍ୟକ୍ତି ଗିରଫ ହେବା ତାରିଖର ଏକ ସପ୍ତାହ ମଧ୍ୟରେ ଜାମିନ୍ ଯୋଗାଡ କରିବା ପାଇଁ ଅକ୍ଷମ ହୁଅନ୍ତି, ତାହା ହିଁ ସଂପୃକ୍ତ ଅଧିକାରୀ ବା ଅଦାଲତଙ୍କ ପକ୍ଷେ ଧରିନେବା ପଛରେ ଯଥେଷ୍ଟ କାରଣ ହେବ ଯେ, ସେ ଏହି ପରନ୍ତୁକର ଉଦ୍ଦେଶ୍ୟାର୍ଥେ ଜଣେ ନିର୍ଦ୍ଧନ ବ୍ୟକ୍ତି ।

ପୁଣି ପରନ୍ତୁ, ଏହି ଦଫାରେ ଥିବା କୌଣସି ବ୍ୟବସ୍ଥା ଯୋଗୁଁ ଦଫା-୧୧୬ର ଉପଦଫା (୩) ବା ଦଫା-୪୪୬ଏ ଅଧୀନରେ ଥିବା ପ୍ରାବ୍‌ଧାନଗୁଡ଼ିକ ପ୍ରଭାବିତ ହେବ ବୋଲି ବିବେଚନା କରାଯିବ ନାହିଁ ।

(୨) ଉପଦଫା(୧)ରେ ଯାହା କିଛି ସ୍ଥାନିତ ହୋଇଥାଉନା କାହିଁକି, ଯେଉଁ କ୍ଷେତ୍ରରେ ଜଣେ ବ୍ୟକ୍ତି ହାଜିରାର ସମୟ ଏବଂ ସ୍ଥାନ ସଂବନ୍ଧରେ ଜାମିନ୍ ମୁଚାଲିକାରେ ଥିବା ସର୍ତ୍ତାବଳୀକୁ ଅନୁପାଳନ କରିବାରେ ବ୍ୟର୍ଥ ହୋଇଛନ୍ତି, ଏବଂ ଉକ୍ତ ବ୍ୟକ୍ତି ସେହି ମାମଲାର ଏକ ପରବର୍ତ୍ତୀ ତାରିଖରେ ଅଦାଲତଙ୍କ ସମ୍ମୁଖରେ ହାଜର ହୁଅନ୍ତି ଅଥବା ହାଜତ୍ ଭିତରକୁ ନିଆ ହୋଇଥାନ୍ତି, ସେପରି କ୍ଷେତ୍ରରେ ଅଦାଲତ ତାଙ୍କୁ ଜାମିନ୍ ବଳରେ ଖଲାସ କରିବା ପାଇଁ ପ୍ରତ୍ୟାଖ୍ୟାନ କରି ଦେଇପାରନ୍ତି, ଏବଂ ଏତାଦୃଶ ପ୍ରତ୍ୟାଖ୍ୟାନ ଦଫା ୪୪୬ ଅଧୀନରେ ଉକ୍ତ ମୁଚାଲିକାରେ ବନ୍ଧିତ ହୋଇଥିବା କୋଣସି ବ୍ୟକ୍ତିଙ୍କୁ ଜୋରିମାନା ପଇଠ ପାଇଁ ଅଦାଲତଙ୍କ ଦ୍ୱାରା ନିର୍ଦ୍ଦେଶ ଦେବାର କ୍ଷମତାକୁ କ୍ଷୁର୍ଣ୍ଣ ନକରି ବଜାୟ ରହିବ ।

**୪୩୬ଏ.ଜଣେ ବିଚାରାଧୀନ କଏଦୀ ଅଟକ ରହିବାର ସର୍ବୋଚ୍ଚ ସମୟସୀମା-**

ଯେଉଁ ସ୍ଥଳେ କୌଣସି ଏକ ଆଇନ୍ ଅଧୀନରେ ଗୋଟିଏ ଅପରାଧର ଏକ ତଦନ୍ତ, ଅନୁସନ୍ଧାନ ବା ବିଚାର ଚାଲୁଥିବ (କିନ୍ତୁ ଉକ୍ତ ଆଇନ୍ ଅଧୀନରେ ଯେଉଁ ଅପରାଧ ପାଇଁ ବିଭିନ୍ନ ଦଣ୍ଡ ଭିତରୁ ମୃତ୍ୟୁଦଣ୍ଡକୁ ବିନିର୍ଦ୍ଦିଷ୍ଟ କରାଯାଇଛି, ତାହା ସେହି ଅପରାଧ ହୋଇନଥିବ) ଏବଂ ସେହି ସମୟ ଭିତରେ ଯଦି ଜଣେ ବ୍ୟକ୍ତି ଏପରି ଏକ କାଳାବଧି ପାଇଁ ଅଟକ ରହି ସାରିଥାନ୍ତି, ଯାହା କି ସେହି

ଆଇନ୍ ଅଧୀନରେ ଉକ୍ତ ଅପରାଧ ପାଇଁ ବିନିର୍ଦ୍ଦିଷ୍ଟ ହୋଇଥିବା ଜେଲ୍‌ଦଣ୍ଡର ସର୍ବୋଚ୍ଚ ସମୟ-ସୀମାର ଅର୍ଦ୍ଧାଂଶ ହୋଇସାରିଥିବ, ତେବେ ଜମାନତ୍ ସହିତ ବା ବିନା ଜମାନତ୍‌ରେ ତାଙ୍କର ବ୍ୟକ୍ତିଗତ ମୁଚାଲିକା ଭିତ୍ତିରେ ଅଦାଲତ ତାଙ୍କୁ ମୁକ୍ତ କରିଦେଇ ପାରନ୍ତି;

ପରନ୍ତୁ, ସରକାରୀ ଅଭିଯୋଜକଙ୍କ ବକ୍ତବ୍ୟ ଶୁଣିଲା ପରେ ତଥା ଲିପିବଦ୍ଧ ଢଙ୍ଗରେ କାରଣଗୁଡିକୁ ଦର୍ଶାଇ ଅଦାଲତ ଉକ୍ତ ବ୍ୟକ୍ତିଙ୍କୁ ଉପରୋକ୍ତ କାଳାବଧିର ଅର୍ଦ୍ଧାଂଶ ଠାରୁ ଅଧିକ ସମୟ ପାଇଁ ନିରବିଚ୍ଛିନ୍ନ ଅଟକ ରଖିବା ସକାଶେ ଆଦେଶ ଦେଇପାରନ୍ତି, ଅଥବା ଜମାନତ୍ ସହିତ ବା ଜମାନତ୍ ବିନା ବ୍ୟକ୍ତିଗତ ମୁଚାଲିକା ପରିବର୍ତ୍ତେ ଜାମିନ୍ ବଳରେ ତାଙ୍କୁ ଖଲାସ କରିପାରନ୍ତି;

ପୁଣି ପରନ୍ତୁ, ତଦନ୍ତ, ଅନୁସନ୍ଧାନ ବା ବିଚାର ଚାଲୁଥିବା ସମୟ ଭିତରେ କୌଣସି ଏପରି ବ୍ୟକ୍ତିଙ୍କୁ ସେହି ଆଇନ୍ ଅଧୀନରେ ଉପରୋକ୍ତ ଅପରାଧ ପାଇଁ ପ୍ରାବ୍‌ଧାନିତ ହୋଇଥିବା ଜେଲ୍‌ଦଣ୍ଡର ସର୍ବୋଚ୍ଚ ସମୟ-ସୀମା ଠାରୁ ଅଧିକ ସମୟ ପାଇଁ କଦାପି ଅଟକ ରଖାଯିବ ନାହିଁ।

ସ୍ପଷ୍ଟୀକରଣ- ଏହି ଦଫା ଅଧୀନରେ ଜାମିନ୍ ମଞ୍ଜୁରି ପାଇଁ ଅଟକର ସମୟାବଧିକୁ ସଂଗଣନା କଲାବେଳେ ଅଭିଯୁକ୍ତଙ୍କ ଦ୍ୱାରା କାର୍ଯ୍ୟବିଧିରେ ଘଟିଥିବା ବିଳମ୍ବ କାରଣରୁ ସେ ଯେଉଁ ସମୟାବଧି ପାଇଁ ଅଟକ ରହିଥିବେ, ତାହାକୁ ବାଦ୍ ଦିଆଯିବ।

**୪୩୭. ଜାମିନ୍-ଅଯୋଗ୍ୟ ଅପରାଧମାନ କ୍ଷେତ୍ରରେ ଯେତେବେଳେ ଜାମିନ୍ ମିଳିଥାଏ-**
***[ଫୌଜଦାରୀ କାର୍ଯ୍ୟବିଧି ସଂହିତା (ସଂଶୋଧନ) ଆଇନ୍, ୨୦୦୫ (୨୦୦୫ର ଆଇନ୍ ସଂଖ୍ୟା-୨୫) ବଳରେ ସଂଶୋଧିତ ଓ ପରିବର୍ଦ୍ଧିତ ହୋଇଥିବା ମତେ]***

(୧) ଯେତେବେଳେ ଜାମିନ୍-ଅଯୋଗ୍ୟ ଅପରାଧ ଘଟାଇଛନ୍ତି ବୋଲି ଦୋଷାରୋପିତ ହୋଇ ଅଥବା ସନ୍ଦିଗ୍ଧ ହୋଇ ଜଣେ ବ୍ୟକ୍ତି ପୋଲିସ୍ ଥାନାର ଭାରପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ବିନା ପରୱାନାରେ ଗିରଫ ବା ଅଟକ ହୋଇଥାନ୍ତି, କିମ୍ବା ହାଇକୋର୍ଟ ବା ଦୌରା ଅଦାଲତ ଠାରୁ ଭିନ୍ନ ଅନ୍ୟ ଏକ ଅଦାଲତ ସମ୍ମୁଖରେ ଉପସ୍ଥିତ ହୁଅନ୍ତି, ବା ଆନୀତ ହୁଅନ୍ତି, ତେବେ ତାଙ୍କୁ ଜାମିନ୍‌ରେ ଖଲାସ କରି ଦିଆଯିବ, କିନ୍ତୁ –

(୧) ଉକ୍ତ ବ୍ୟକ୍ତିଙ୍କୁ ସେପରି ଖଲାସ କରାଯିବ ନାହିଁ, ଯଦି ସେ ଏପରି ଏକ ଅପରାଧରେ ଦୋଷୀ ବୋଲି ବିଶ୍ୱାସ କରିବା ପଛରେ ଯୁକ୍ତିଯୁକ୍ତ କାରଣମାନ ରହିଛି, ଯାହା ପାଇଁ ମୃତ୍ୟୁ ବା ଆଜୀବନ ଜେଲ୍‌ଦଣ୍ଡ ମିଳିଥାଏ;

(୨) ଉକ୍ତ ବ୍ୟକ୍ତିଙ୍କୁ ସେପରି ଖଲାସ କରାଯିବ ନାହିଁ, ଯଦି ତାଙ୍କର ସେହି ଅପରାଧ ଏକ ଧର୍ତ୍ତବ୍ୟ ଅପରାଧ ହୋଇଥାଏ ଏବଂ ସେ ପୂର୍ବରୁ ଏଭଳି ଏକ ଅପରାଧରେ ଦୋଷୀ-ସାବ୍ୟସ୍ତ ହୋଇଛନ୍ତି, ଯାହା ପାଇଁ ମୃତ୍ୟୁ, ଆଜୀବନ ଜେଲ୍ ବା ସାତବର୍ଷ ବା ତତୋଧିକ ମିଆଦ ପାଇଁ ଜେଲ୍‌ଦଣ୍ଡ ମିଳିଥାଏ ଅଥବା ସେ ପୂର୍ବରୁ ଦୁଇ ବା ତତୋଧିକ ଥର ଏଭଳି ଏକ ଧର୍ତ୍ତବ୍ୟ ଅପରାଧରେ ଦୋଷୀ-ସାବ୍ୟସ୍ତ ହୋଇଛନ୍ତି, ଯାହା ପାଇଁ ତିନିବର୍ଷ ବା ତତୋଧିକ କିନ୍ତୁ ଅନଧିକ ସାତବର୍ଷର ଜେଲ୍ ଦଣ୍ଡ ମିଳିଥାଏ :

ପରନ୍ତୁ, ଉପଦଫା (୧) ବା ଉପଦଫା (୨)ରେ ସୂଚୀତ ହୋଇଥିବା ବ୍ୟକ୍ତି ଯଦି ୧୬ବର୍ଷରୁ କମ୍ ବୟସର ହୋଇଥାନ୍ତି ବା ଜଣେ ମହିଳା ବା ଅସୁସ୍ଥ ବା ବିକଳାଙ୍ଗ ହୋଇଥାନ୍ତି, ତେବେ ଅଦାଲତ ତାଙ୍କୁ ଜାମିନ୍‌ରେ ଖଲାସ କରିଦେବା ପାଇଁ ନିର୍ଦ୍ଦେଶ ଦେଇପାରନ୍ତି :

ପୁଣି ପରନ୍ତୁ, ଅଦାଲତ ମଧ୍ୟ ଉପଦଫା(୨)ରେ ସୂଚୀତ ହୋଇଥିବା ବ୍ୟକ୍ତିଙ୍କୁ ଜାମିନ୍‌ରେ ଖଲାସ କରିବା ପାଇଁ ନିର୍ଦ୍ଦେଶ ଦେଇପାରନ୍ତି, ଯଦି ତାଙ୍କର ହୃଦ୍‌ବୋଧ ହୁଏ ଯେ, ଅନ୍ୟ କୌଣସି ବିଶେଷ କାରଣ ଯୋଗୁଁ ଏପରି ନିର୍ଦ୍ଦେଶ ଦେବା ନ୍ୟାୟୋଚିତ ଏବଂ ଯଥୋଚିତ ଅଟେ ।

ଆହୁରି ପୁଣି ପରନ୍ତୁ, ଯଦି ଜଣେ ବ୍ୟକ୍ତି ଅନ୍ୟଥା ଜାମିନ୍ ବଳରେ ଖଲାସ ହେବା ପାଇଁ ହକ୍‌ଦାର ହୋଇଥାନ୍ତି, ଏବଂ ଅଦାଲତଙ୍କ ଦ୍ୱାରା ଦିଆଯିବାକୁ ଥିବା ନିର୍ଦ୍ଦେଶାବଳୀକୁ ଅନୁପାଳନ କରିବା ପାଇଁ ଏକ ଅଙ୍ଗୀକାର ପ୍ରଦାନ କରନ୍ତି, ତେବେ ତାଙ୍କର ଜାମିନ୍ ଆବେଦନକୁ ପ୍ରତ୍ୟାଖ୍ୟାନ କରିବା ପଛରେ କେବଳ ଏହି ଏକମାତ୍ର ପ୍ରାବ୍‌ଧାନ ଯଥେଷ୍ଟ ବୋଲି ବିବେଚିତ ହେବନାହିଁ ଯେ, ଅନୁସନ୍ଧାନ ପର୍ଯ୍ୟାୟରେ ତାଙ୍କୁ ସାକ୍ଷୀମାନଙ୍କ ଦ୍ୱାରା ଚିହ୍ନଟ କରିବାର ଆବଶ୍ୟକତା ଅଛି ।

ଆହୁରି ମଧ୍ୟ ପରନ୍ତୁ, ସରକାରୀ ଅଭିଯୋଜକଙ୍କୁ ଶୁଣାଣିର କୌଣସି ସୁଯୋଗ ନଦେଇ ଏହି ଉପଦଫା ଅଧୀନରେ ସେପରି କୌଣସି ବ୍ୟକ୍ତିଙ୍କୁ ଅଦାଲତଙ୍କ ଦ୍ୱାରା ଜାମିନ୍‌ରେ ଖଲାସ କରାଯାଇ ପାରିବ ନାହିଁ, ଯେ କି ଏଭଳି ଏକ ଦଣ୍ଡନୀୟ ଅପରାଧରେ ଅଭିଯୁକ୍ତ ହୋଇଥିବେ, ଯାହାପାଇଁ ମୃତ୍ୟୁ, ଆଜୀବନ ଜେଲ୍ କିମ୍ବା ସାତବର୍ଷ ବା ତଦୁର୍ଦ୍ଧ୍ୱ ଜେଲ୍‌ଦଣ୍ଡର ପ୍ରାବ୍ଧାନ ରହିଛି ।

(୨) ଯଥାସ୍ଥିତି ଏକ ତଦନ୍ତର ଅନୁସନ୍ଧାନ ବା ବିଚାରର କୌଣସି ଏକ ପର୍ଯ୍ୟାୟରେ ଯଦି ଉକ୍ତ ଅଧିକାରୀ ବା ଅଦାଲତଙ୍କୁ ପ୍ରତୀତ ହୁଏ ଯେ, ଅଭିଯୁକ୍ତ ବ୍ୟକ୍ତି ଏକ ଜାମିନ୍-ଅଯୋଗ୍ୟ ଅପରାଧ ଘଟାଇଛନ୍ତି ବୋଲି ମନେ କରିବା ପଛରେ କୌଣସି ଯୁକ୍ତିଯୁକ୍ତ କାରଣ ନାହିଁ, କିନ୍ତୁ ତାଙ୍କର ଦୋଷ ସମ୍ବନ୍ଧରେ ଅଧିକ ଅନୁସନ୍ଧାନ କରିବାର ଯଥେଷ୍ଟ ଆଧାର ରହିଛି, ତେବେ ୪୪୬-ଏ ଦଫାର ପ୍ରାବ୍‌ଧାନସମୂହର ସାପେକ୍ଷତା ଅଧୀନରେ ରହି ତଥା ଉକ୍ତ ଅନୁସନ୍ଧାନ ଅସମାପ୍ତ ଥିବା ସତ୍ତ୍ୱେ ତାଙ୍କୁ ଜାମିନ୍‌ରେ ଖଲାସ କରାଯିବ ଅଥିବା ଉକ୍ତ ଅଧିକାରୀ ବା ଅଦାଲତ ଇଚ୍ଛା କଲେ ନିମ୍ନୋକ୍ତ ପ୍ରାବ୍‌ଧାନ ଅନୁଯାୟୀ ତାଙ୍କର ହାଜିରା ପାଇଁ ଉଦ୍ଦିଷ୍ଟ ଜମାନତ୍-ବିହୀନ ଏକ ମୁଚାଲିକା ତାଙ୍କ ଦ୍ୱାରା ନିଷ୍ପାଦିତ ହେଲା ପରେ ତାଙ୍କୁ ଖଲାସ କରିଦିଆଯିବ ।

(୩) ଯେଉଁସ୍ଥଳେ ଜଣେ ବ୍ୟକ୍ତି ଏପରି ଏକ ଦଣ୍ଡନୀୟ ଅପରାଧ ଘଟାଇଛନ୍ତି ବୋଲି ଅଭିଯୁକ୍ତ ବା ସନ୍ଦେହାଧୀନ ହୋଇଥାନ୍ତି, ଯାହା ସକାଶେ ସାତବର୍ଷ ପର୍ଯ୍ୟନ୍ତ ବା ତଦୁର୍ଦ୍ଧ୍ୱ ଜେଲ୍‌ଦଣ୍ଡ ମିଳିପାରେ ଅଥବା ଯାହାକି ଭାରତୀୟ ଦଣ୍ଡ ସଂହିତା (୧୮୬୦ର ୪୫)ର ଅଧ୍ୟାୟ-୬, ଅଧ୍ୟାୟ-୧୬ ବା ଅଧ୍ୟାୟ-୧୭ ଅଧୀନରେ ଏକ ଅପରାଧ ଅଟେ ଅଥବା ସେ ଏକ ଅପରାଧ ଘଟାଇବାରେ ସହାୟତା କରିଛନ୍ତି ବା ଏକ ଅପରାଧ ଘଟାଇବାକୁ ଷଡଯନ୍ତ୍ର ବା ଉଦ୍ୟମ କରିଛନ୍ତି ବୋଲି ଅଭିଯୁକ୍ତ ବା ସନ୍ଦେହାଧୀନ ହୋଇଥାନ୍ତି ଏବଂ ଏଭଳି ଜଣେ ବ୍ୟକ୍ତିଙ୍କୁ ଉପଦଫା(୧) ଅଧୀନରେ ଜାମିନ୍‌ରେ ଖଲାସ କରାହୁଏ, ସେତେବେଳେ ଅଦାଲତ ନିମ୍ନୋକ୍ତ ସର୍ତ୍ତାବଳୀ ଆରୋପ କରିପାରିବେ-

(ଏ) ଏହି ଅଧ୍ୟାୟ ଅଧୀନରେ ନିଷ୍ପାଦିତ ହୋଇଥିବା ମୁଚାଲିକାରେ ସ୍ଥାନିତ ହୋଇଥିବା ସର୍ତ୍ତାବଳୀ ଅନୁଯାୟୀ ଉକ୍ତ ବ୍ୟକ୍ତି ହାଜର୍ ହେବେ,

(ବି) ଉକ୍ତ ବ୍ୟକ୍ତି ଯେଉଁ ଅପରାଧ ଘଟାଇଛନ୍ତି ବୋଲି ଅଭିଯୁକ୍ତ ବା ସନ୍ଦେହାଧୀନ ହୋଇଛନ୍ତି, ସେହିପରି ଆଉ ଏକ ଅପରାଧ ଘଟାଇବେ ନାହିଁ, ଏବଂ

(ସି) ଉକ୍ତ ବ୍ୟକ୍ତି ମାମଲାର ତଥ୍ୟାବଳୀ ସହିତ ପରିଚିତ ଥିବା ଅନ୍ୟ କୌଣସି ବ୍ୟକ୍ତିଙ୍କୁ ଏପରି ମତଲବ୍ ରଖି ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ପ୍ରଲୁବ୍‌ଧ କି ଭୟଭୀତ କରାଇବେନି କି ପ୍ରତିଶୃତି ଦେବେନି, ଯାହା ଫଳରେ ସେହି ବ୍ୟକ୍ତି ଅଦାଲତ ବା କୌଣସି ପୋଲିସ୍ ଅଧିକାରୀଙ୍କ ନିକଟରେ ଉକ୍ତ ତଥ୍ୟାବଳୀକୁ ପ୍ରକଟ କରିବେ ନାହିଁ ଏବଂ ପ୍ରମାଣକୁ ହେର୍‌ଫେର୍ କରିଦେଇ ହେବ,

ଏବଂ ନ୍ୟାୟପ୍ରଦାନ ସ୍ୱାର୍ଥରେ ଅନ୍ୟ କୌଣସି ସର୍ତ୍ତାବଳୀ ଆରୋପ କରିପାରନ୍ତି, ଯାହାକି ତାଙ୍କ ବିଚାରରେ ଆବଶ୍ୟକ ।

(୪) ଯେଉଁ ଅଧିକାରୀ ବା ଅଦାଲତ ଉପଦଫା(୧) ବା ଉପଦଫା(୨) ଅଧୀନରେ କୌଣସି ବ୍ୟକ୍ତିଙ୍କୁ ଜାମିନ୍ ବଳରେ ଖଲାସ କରିବେ, ସେ ଏହି ପଦକ୍ଷେପ ପଛରେ ଥିବା ତାଙ୍କର  କାରଣମାନ ବା ସ୍ୱତନ୍ତ୍ର କାରଣମାନ ଲିପିବଦ୍ଧ କରି ରଖିବେ ।

(୫) ଯେଉଁ ଅଦାଲତ ଉପଦଫା (୧) ବା ଉପଦଫା (୨) ଅଧୀନରେ କୌଣସି ବ୍ୟକ୍ତିଙ୍କୁ ଜାମିନ୍ ବଳରେ ଖଲାସ କରିଥା'ନ୍ତି, ସେ ଆବଶ୍ୟକ ମନେ କଲେ ଉକ୍ତ ବ୍ୟକ୍ତିଙ୍କୁ ଗିରଫ କରିବା ତଥା ହାଜତରେ ଅଟକ ରଖିବା ପାଇଁ ନିର୍ଦ୍ଦେଶ ଦେଇ ପାରନ୍ତି ।

(୬) ଯଦି ମାଜିଷ୍ଟ୍ରେଟ୍ଙ୍କ ଦ୍ୱାରା ବିଚାରଯୋଗ୍ୟ କୌଣସି ମାମଲାରେ ଜାମିନ୍-ଅଯୋଗ୍ୟ ଅପରାଧରେ ଅଭିଯୁକ୍ତ ହୋଇଥିବା ଜଣେ ବ୍ୟକ୍ତିଙ୍କର ବିଚାର-ପ୍ରକ୍ରିୟା ସାକ୍ଷ୍ୟ ଗ୍ରହଣ ପାଇଁ ଧାର୍ଯ୍ୟ ହୋଇଥିବା ପ୍ରଥମ ତାରିଖର ଷାଠିଏ ଦିନ ଭିତରେ ସମାପ୍ତ ନହୁଏ, ଏବଂ ଯଦି ଉକ୍ତ ବ୍ୟକ୍ତି ଉପରୋକ୍ତ ସମଗ୍ର କାଳାବଧି ପାଇଁ ହାଜତ୍ ଭିତରେ ରହି ଆସିଥିବେ, ତେବେ ଅନ୍ୟଥା ସେହି ମାଜିଷ୍ଟ୍ରେଟ୍ ସଂପୃକ୍ତ କାରଣଗୁଡିକୁ ଲିପିବଦ୍ଧ କରିବା ସହିତ ଭିନ୍ନ କୌଣସି ନିର୍ଦ୍ଦେଶ ଦେଇ ନଥିଲେ ସେହି ବ୍ୟକ୍ତିଙ୍କୁ ମାଜିଷ୍ଟ୍ରେଟ୍ ନିଜେ ସନ୍ତୁଷ୍ଟ ହେବା ମତେ ଜାମିନ୍ ବଳରେ ଖଲାସ କରି ଦିଆଯିବ ।

(୭) ଜାମି୍ନ-ଅଯୋଗ୍ୟ ଅପରାଧରେ ଅଭିଯୁକ୍ତ କୌଣସି ବ୍ୟକ୍ତିର ବିଚାର ସମାପ୍ତ ହେବା ପରେ ଏବଂ ରାୟ ଘୋଷିତ ହେବା ପୂର୍ବରୁ ଯଦି ଅଦାଲତ ମତ ପୋଷଣ କରନ୍ତି ଯେ, ଅଭିଯୁକ୍ତ ବ୍ୟକ୍ତି ଏପରି କୌଣସି ଅପରାଧରେ ଦୋଷୀ ନୁହଁନ୍ତି ବୋଲି ବିଶ୍ୱାସ କରିବା ପଛରେ ଯୁକ୍ତିସଙ୍ଗତ କାରଣମାନ ରହିଛି, ତେବେ ଅଭିଯୁକ୍ତ ବ୍ୟକ୍ତି ଯଦି ସେତେବେଳେ ହାଜତ୍‌ରେ ଅଟକ ଥିବେ, ସେ ଘୋଷିତ ହେବାକୁ ଥିବା ରାୟ ଶୁଣିବାକୁ ହାଜର ହେବେ ବୋଲି ଜମାନତ୍-ବିହୀନ ଏକ ମୁଚାଲିକା ନିଷ୍ପାଦନ କଲା ପରେ ତାଙ୍କୁ ଅଦାଲତ ଖଲାସ କରିଦେବେ ।

**୪୩୮. ଗିରଫ ହେବାର ଆଶଙ୍କା କରୁଥିବା ବ୍ୟକ୍ତିଙ୍କୁ ଜାମିନ୍‌ରେ ଖଲାସ ପାଇଁ ନିର୍ଦ୍ଦେଶନାମା-**

(୧) ଯେଉଁସ୍ଥଳେ ଜଣେ ବ୍ୟକ୍ତି ଏପରି ବିଶ୍ୱାସ କରିବାର କାରଣ ଥାଏ ଯେ, କୌଣସି ଜାମିନ-ଅଯୋଗ୍ୟ ଅପରାଧ ଘଟାଇଥିବାର ଅଭିଯୋଗରେ ସେ ଗିରଫ ହୋଇପାରନ୍ତି, ସେପରି ସ୍ଥଳେ ସେ ଏପରି ଗିରଫ ହୁଅନ୍ତେ ତାଙ୍କୁ ଜାମିନ୍‌ରେ ଖଲାସ କରାଯିବା ପାଇଁ ଏହି ଦଫା ଅଧୀନରେ ଏକ ନିର୍ଦ୍ଦେଶନା ପାଇଁ ହାଇକୋର୍ଟ ବା ଦୌରା ଅଦାଲତଙ୍କ ନିକଟରେ ଆବେଦନ କରିପାରନ୍ତି; ଏବଂ ଉକ୍ତ ଅଦାଲତ ଅନ୍ୟାନ୍ୟ ବିଷୟମାନ ସହିତ ନିମ୍ନୋକ୍ତ କାରଣଗୁଡିକ ବିଚାରକୁ ନେବେ, ଯଥା-

(୧) ଅଭିଯୋଗର ଚରିତ୍ର ଏବଂ ଗୁରୁତ୍ୱ;

(୨) କୌଣସି ଧର୍ତ୍ତବ୍ୟ ଅପରାଧରେ ଜଡିତ ହେବା କାରଣରୁ ସେ କୌଣସି ଅଦାଲତ ଦ୍ୱାରା ଦୋଷୀ-ସାବ୍ୟସ୍ତ ହୋଇ ଅତୀତରେ ଜେଲ୍ ଦଣ୍ଡ ଭୋଗିଛନ୍ତି କି ନାହିଁ, ଏହା ସମ୍ବନ୍ଧରେ ତଥ୍ୟ ସହିତ ଆବେଦନକାରୀଙ୍କ ପୂର୍ବଚରିତ;

(୩) ବିଚାର-ପ୍ରକ୍ରିୟାରୁ ଆବେଦନକାରୀ ଖସି ପଳାଇଯିବାର ସମ୍ଭାବନା; ଏବଂ

(୪) ଯଦି ଆବେଦନକାରୀଙ୍କୁ ଗିରଫ କରି ତାଙ୍କୁ କ୍ଷତିଗ୍ରସ୍ତ ବା ଅପମାନିତ କରିବା ଲକ୍ଷ୍ୟ ନେଇ ଦୋଷାରୋପ କରାଯାଇଥାଏ,

ଏବଂ ହୁଏତ୍ ଆବେଦନକୁ ତତ୍‌କ୍ଷଣାତ୍ ଖାରଜ କରିଦେବେ ନଚେତ୍ ପ୍ରତ୍ୟାଶାମୂଳକ ଜାମିନ୍ ମଞ୍ଜୁରି ପାଇଁ ଏକ ମଧ୍ୟ-ବର୍ତ୍ତୀ ଆଦେଶ ଜାରି କରିବେ :

ପରନ୍ତୁ ଯେଉଁସ୍ଥଳେ ହାଇକୋର୍ଟ ବା ଯଥାସ୍ଥିତି ଦୌରା ଅଦାଲତ ଏହି ଉପଦଫା ଅଧୀନରେ କୌଣସି ମଧ୍ୟବର୍ତ୍ତୀ ଆଦେଶ ଜାରି କରିନଥିବେ ଅଥବା ପ୍ରତ୍ୟାଶାମୂଳକ ଜାମିନ୍ ପାଇଁ ଆବେଦନକୁ ଖାରଜ କରିଥିବେ, ସେପରି ସ୍ଥଳେ ଉକ୍ତ ଆବେଦନରେ ଆଶଙ୍କା କରାଯାଇଥିବା ଦୋଷାରୋପ ଭିତ୍ତିରେ ଆବେଦନକାରୀଙ୍କୁ ବିନା ପରୱାନାରେ ଗିରଫ କରିବା ଗୋଟିଏ ପୋଲିସ୍ ଥାନାର ଭାରପ୍ରାପ୍ତ ଅଧିକାରୀଙ୍କ ଉପରେ ନିର୍ଭର କରିବ ।

(୧ଏ) ଯେଉଁ ସ୍ଥଳେ ଉପଦଫା(୧) ଅଧୀନରେ ଅଦାଲତ ମଧ୍ୟବର୍ତ୍ତୀ ଆଦେଶ ଜାରି କରିଥାନ୍ତି, ସେପରିସ୍ଥଳେ ସେ ତତ୍‌କ୍ଷଣାତ୍ ସାତଦିନରୁ କମ୍ ମିଆଦ ହୋଇନଥିବା ଏକ ନୋଟିସ୍ ସହ ଉକ୍ତ ଆଦେଶର ଏକ ନକଲ ସରକାରୀ ଅଭିଯୋଜକ ତଥା ଆରକ୍ଷୀ

ଅଧୀକ୍ଷକ (ସୁପରିନ୍‌ଟେଣ୍ଡେଣ୍ଟ୍ ଅଫ୍ ପୋଲିସ୍)ଙ୍କ ନିକଟକୁ ପ୍ରେରଣ କରିବେ, ଯାହାର ଉଦ୍ଦେଶ୍ୟ ହେଉଛି, ଯେବେ ଅଦାଲତଙ୍କ ଦ୍ୱାରା ଆବେଦନର ଚୂଡାନ୍ତ ଶୁଣାଣି ହେବ, ସେତେବେଳେ ସରକାରୀ ଅଭିଯୋଜକଙ୍କୁ ନିଜର ବକ୍ତବ୍ୟ ପେଶ୍ କରିବା ପାଇଁ ସୁଯୋଗ ମିଳିଥିବ।

(୧ବି) ଯଦି ସରକାରୀ ଅଭିଯୋଜକଙ୍କ ଦ୍ୱାରା ଏକ ଆବେଦନ କ୍ରମେ ନ୍ୟାୟବିଚାର ସ୍ୱାର୍ଥରେ ଅଦାଲତ ଆବଶ୍ୟକ ମଣନ୍ତି, ତେବେ ଅଦାଲତଙ୍କ ଦ୍ୱାରା ଆବେଦନର ଚୂଡାନ୍ତ ଶୁଣାଣି ତଥା ଚୂଡାନ୍ତ ଆଦେଶନାମାର ଘୋଷଣା ବେଳେ ପ୍ରତ୍ୟାଶାମୂଳକ ଜାମିନ୍ ଚାହିଁଥିବା ଆବେଦନକାରୀଙ୍କ ଉପସ୍ଥିତି ବାଧ୍ୟତାମୂଳକ ହେବ।

(୨) ଯେତେବେଳେ ହାଇକୋର୍ଟ କିମ୍ବା ଦୌରା ଅଦାଲତ ଉପଦଫା(୧) ଅଧୀନରେ ଏକ ନିର୍ଦ୍ଦେଶନାମା ଜାରି କରିବେ, ସେତେବେଳେ ସେ ଏହି ବିଶେଷ ମାମଲାର ତଥ୍ୟାବଳୀକୁ ଦୃଷ୍ଟିରେ ରଖି ଉକ୍ତ ନିର୍ଦ୍ଦେଶନାମା ଭିତରେ ସେହିସବୁ ସର୍ତ୍ତାବଳୀକୁ ସ୍ଥାନିତ କରିପାରନ୍ତି, ଯାହା କି ତାଙ୍କ ବିଚାରରେ ଉପଯୁକ୍ତ ଅଟେ, ଏବଂ ସେହିସବୁ ସର୍ତ୍ତାବଳୀ ଭିତରେ ନିମ୍ନୋକ୍ତ ସର୍ତ୍ତାବଳୀ ଅନ୍ତର୍ଭୁକ୍ତ ହୋଇପାରେ-

(୧) ଏପରି ଏକ ସର୍ତ୍ତ, ଯାହା ବଳରେ ଯେବେ ବି ପୋଲିସ୍ ଅଧିକାରୀଙ୍କ ଦ୍ୱାରା ସେହି ବ୍ୟକ୍ତିଙ୍କୁ ପରିପ୍ରଶ୍ନ କରିବାର ଆବଶ୍ୟକ ପଡିବ, ସେ ନିଜକୁ ହାଜର୍ କରାଇବେ ;

(୨) ଏପରି ଏକ ସର୍ତ୍ତ, ଯାହା ବଳରେ ଉକ୍ତ ବ୍ୟକ୍ତି ମାମଲାର ତଥ୍ୟାବଳୀ ସହିତ ପରିଚିତ ଥିବା ଅନ୍ୟ କୌଣସି ବ୍ୟକ୍ତିଙ୍କୁ ଏପରି ମତଲବ୍ ରଖି ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ପ୍ରଲୁବ୍ଧ କି ଭୟଭୀତ କରାଇବେନି କି ପ୍ରତିଶ୍ରୁତି ଦେବେନି, ଯାହା ଫଳରେ ସେହି ବ୍ୟକ୍ତି ଅଦାଲତ ବା କୌଣସି ପୋଲିସ୍ ଅଧିକାରୀଙ୍କ ନିକଟରେ ଉକ୍ତ ତଥ୍ୟାବଳୀକୁ ପ୍ରକଟ କରିବାରୁ ନିବୃତ୍ତ ହେବେ;

(୩) ଏପରି ଏକ ସର୍ତ୍ତ ଯାହା ବଳରେ ଉକ୍ତ ବ୍ୟକ୍ତି ଅଦାଲତର ଅଗ୍ରୀମ ଅନୁମତି ବିନା ଭାରତ ଛାଡି ପାରିବେ ନାହିଁ;

(୪) ଅନ୍ୟ କୌଣସି ସର୍ତ୍ତ, ଯାହାକି ଦଫା ୪୩୭ର ଉପଦଫା(୩) ଅଧୀନରେ ଜାମିନ୍ ମଞ୍ଜୁରି କ୍ଷେତ୍ରରେ ଆରୋପ କରାଯାଇପାରେ।

(୩) ଯଦି ଏହା ପରେ ସେହି ବ୍ୟକ୍ତି ଗୋଟିଏ ପୋଲିସ୍ ଥାନାର ଭାରପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଉକ୍ତ ଅଭିଯୋଗରେ ବିନା ପରଓ୍ୱାନାରେ ଗିରଫ ହୁଅନ୍ତି ଏବଂ ସେ ଗିରଫ ହେବା ସମୟରେ ଅଥବା ଉକ୍ତ ଅଧିକାରୀଙ୍କ ହାଜତ୍‌ରେ ଥିବା ସମୟରେ ଜାମିନ୍ ଦେବା ପାଇଁ ପ୍ରସ୍ତୁତ ଥାଆନ୍ତି, ତେବେ ତାଙ୍କୁ ଜାମିନ୍ ବଳରେ ଖଲାସ କରିଦିଆଯିବ, ଏବଂ ଯଦି ଉକ୍ତ ଅପରାଧର ସଂଜ୍ଞାନ ପୂର୍ବକ ଜଣେ ମାଜିଷ୍ଟ୍ରେଟ୍ ନିଷ୍ପତ୍ତି ନିଅନ୍ତି ଯେ, ପ୍ରଥମେ ଉକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ଏକ ପରଓ୍ୱାନା ଜାରି ହେବା ଉଚିତ୍, ତେବେ ଉପଦଫା(୧) ଅଧୀନରେ ଅଦାଲତ ଦେଇଥିବା ନିର୍ଦ୍ଦେଶନା ସହ ସଂଗତି ରକ୍ଷା କରି ସେ ଏକ ଜାମିନ୍-ଯୋଗ୍ୟ ପରଓ୍ୱାନା ଜାରି କରିବେ ।

[Oriya Translation by Chitta Behera, 4A Jubilee Tower, Choudhury Bazar, Cuttack-9, PH: 0671-2308137 & 2308518, Mob: 9437577546, Email: chittabehera1@yahoo.co.in on 1st Sept. 2007]